## ସଂକ୍ଷେପରେ

### ବିଜେଡିର ଯୁବଛାତ୍ର ସମାବେଶ

**ଡେରାବିଶ, ୧୫।୭ (ସ୍ୱ.ପ୍ର.):** ପାଟକୁରା ବିଧାନସଭା ନିର୍ବାଚନ ଜିତିବାକୁ ସବୁ ଦଳ ନିଜର ସମସ୍ତ କଳ, ବଳ କୌଶଳ ଲଗାଇ ଦେଇଥିବା ବେଳେ ବିଜେଡିର ପ୍ରଚାର ଅଭିଯାନରେ ସାମିଲ ହୋଇଛନ୍ତି ଦଳର ଯୁବଛାତ୍ର ନେତା। ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡେରାବିଶ ବ୍ଲକ ଅଧୀନ ଗଣେଶପୁରଠାରେ ସୋମବାର ଏକ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୨ ପଞ୍ଚାୟତର ବିଜେଡି ଯୁବଛାତ୍ର ଯୋଗଦେଇଥିଲେ। ଜିଲା ଯୁବ ବିଜେଡି ସଭାପତି ରାଜେଶ ପଣ୍ଡା, ଜିଲା ଛାତ୍ର ବିଜେଡି ସଭାପତି ପ୍ରଦୀପ ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି ସମାବେଶରେ ବିପିନ ସାହୁ ସଭାପତିତ୍ୱ କରିଥିଲେ। ସମାବେଶରେ ମନ୍ତ୍ରୀ ଅରୁଣ ସାହୁ, ବିଧାୟକ ପ୍ରତାପ ଦେବଙ୍କ ସମେତ ଦଳର ବହୁ ନେତା, କର୍ମୀ ଯୋଗଦେଇ ବିଜୁ ପଟ୍ଟନାୟକଙ୍କ ଗଡ଼ ପାଟକୁରାର ସ୍ୱାଭିମାନ ରକ୍ଷା ପାଇଁ ବିଜେଡି ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଆହ୍ୱାନ ଦେଇଥିଲେ। ସମାବେଶରେ ୨ ହଜାରରୁ ଊର୍ଦ୍ଧ୍ୱ ଯୁବଛାତ୍ର କର୍ମକର୍ତ୍ତା ଯୋଗଦେଇଥିଲେ।

### ପୂର୍ବତନ ଅଧକ୍ଷଙ୍କ ବିୟୋଗ

**ମାର୍ଶାଘାଇ, ୧୫।୭ (ଡି.ଏନ.ଏ.):** ମାର୍ଶାଘାଇ ମହିଳା ମହାବିଦ୍ୟାଳୟର ପ୍ରଥମ ସମ୍ପାଦକ ତଥା ପ୍ରଥମ ଅଧକ୍ଷ ନିରଞ୍ଜନ ରଥ (୮୫)ଙ୍କର ସୋମବାର ଭୋରରୁ ସ୍ଥାନୀୟ ଦରବଛା ଭଣ୍ଡାରିକଣସ୍ଥିତ ବାସଭବନରେ ମୃତ୍ୟୁ ଘଟିଛି। ଖବରପାଇ ରାଜ୍ୟ କଂଗ୍ରେସ ମୁଖପାତ୍ର ଇଂ. ଜ୍ଞାନଦେବ ବେଉରା, ଜିଲା ବିଜେଡି ଉପ ସଭାପତି ପ୍ରମୋଦ କୁମାର ରଥ, ଜିଲାପରିଷଦ ସଦସ୍ୟ ପ୍ରଦୀପ୍ତ କୁମାର ଗାହାଣ, ମଣିକୁଣ୍ଡା ସରପଞ୍ଚ ପ୍ରତାପ ଚନ୍ଦ୍ର ରାଉତ, ସମିତିସଭ୍ୟ ଜ୍ଞାନରଞ୍ଜନ ବସନ୍ତିଆ, ମାର୍ଶାଘାଇ ସମିତିସଭ୍ୟ ନିଗମ ପ୍ରସାଦ ରଥ, ଯୁବନେତା ସୁଜିତ କୁମାର ପ୍ରଧାନ, ଯୁବ କଂଗ୍ରେସ ସଭାପତି ବିଶ୍ୱପ୍ରକାଶ କର ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ପ୍ରାକ୍ତନ ଶିକ୍ଷକ ସଂଘ ସଭାପତି ଭାଗବତ ସାହୁ, ଚନ୍ଦ୍ରମଣି ସାହୁ, ଅକ୍ଷୟ ଜେନା, ମାର୍ଶାଘାଇ ପଞ୍ଚାୟତ ସମିତିର ପୂର୍ବତନ ଉପାଧକ୍ଷା ସ୍ନେହଲତା ବେହେରା, ପୂର୍ବତନ ସରପଞ୍ଚ ମନୋରଞ୍ଜନ ସାମଲ, ଜୁଣଛକ ବଜାର କମିଟି ସଦସ୍ୟ ଶୁକଦେବ ସ୍ୱାଇଁ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ତାଙ୍କ ବାଡିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ବଡ ପୁଅ ମନୋରଞ୍ଜନ ମୁଖାଗ୍ନି ଦେଇଥିଲେ।

### ଗୋବରୀ କେନାଲରେ ଆବର୍ଜନା

**କେନ୍ଦ୍ରାପଡା ଅଫିସ, ୧୫।୭:** ସହରର ବିଭିନ୍ନ ୱାର୍ଡରୁ ବାହାରୁଥିବା ଅଳିଆ ଆବର୍ଜନାର ସଠିକ ପରିଚାଳନା ହେଉନାହିଁ। କାକଟଲକ - ଦାନପୁର ଗୋବରୀ କେନାଲ ବନ୍ଧର ଶ୍ୟାମସୁନ୍ଦରପୁର ଓଭରବ୍ରିଜ ନିକଟରେ ଏସବୁକୁ ପକାଯାଉଛି। ଫଳରେ ଆଖପାଖ ଅଞ୍ଚଳରେ ଦୁର୍ଗନ୍ଧ ହେବା ସହ ପରିବେଶ ଦୂଷିତ ହୋଇଯାଉଛି। ପରିମଳ ବ୍ୟବସ୍ଥାକୁ ସଜାଡିବା ପାଇଁ ସୋମବାର ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ପତ୍ର ପ୍ରଦାନ ସମୟରେ ଚକ୍ରୋଡା ସରପଞ୍ଚ ବସନ୍ତ କୁମାର ରାଉତ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ୍ତ ମହାନ୍ତି, ଶ୍ୟାମସୁନ୍ଦରପୁରର ପୂର୍ବତନ ସରପଞ୍ଚ ଶାରଦା ପ୍ରସନ୍ନ ରାଉତ ଓ ନିରଞ୍ଜନ ଦାସ ପ୍ରମୁଖ ସାମିଲ ହୋଇଥିଲେ।

## ■ ପାଟକୁରା ବିଧାନସଭା ନିର୍ବାଚନ

# ପ୍ରଚାର ସରଗରମ, ନେତାଙ୍କ ସ୍ୱର ନରମ

**କେନ୍ଦ୍ରାପଡା ଅଫିସ, ୧୫।୭**

ପାଟକୁରା ନିର୍ବାଚନ ପ୍ରଚାର ପାଇଁ ଆଉ ମାତ୍ର ୪ ଦିନ ରହିଛି । ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ମୁତାବକ ୧୮ ତାରିଖ ଅପରାହ୍ନ ୫ଟାରେ ପ୍ରଚାର ଶେଷହେବ। ଏନେଇ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ସେମାନଙ୍କ ପ୍ରଚାର କାର୍ଯ୍ୟକୁ ଜୋର୍‌ଦାର କରିଛନ୍ତି । ତେବେ ନିର୍ବାଚନରେ ନେତାଙ୍କ ଠାରୁ ପ୍ରତିପକ୍ଷଙ୍କ ପ୍ରତି ଆରୋପ ପ୍ରତ୍ୟାରୋପ ବହୁତ କମ୍ ଦେଖିବାକୁ ମିଳୁଛି। ପ୍ରାର୍ଥୀ ଓ ଦଳୀୟ ନେତାଙ୍କ ଏଭିଳି ଆଭିମୁଖ୍ୟ ନିର୍ବାଚନ ସମୟରେ ଭୋଟରଙ୍କୁ ଅଡୁଆରେ ପକାଇବ ବୋଲି ଆଲୋଚନା ହେଉଛି।

ଅପରପକ୍ଷେ ୧୭ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ କେନ୍ଦ୍ରାପଡା ଜିଲାକୁ ଗସ୍ତକୁ ଅନେକ ଅପେକ୍ଷା କରିଛନ୍ତି । ଏହି ବିଧାନସଭା ନିର୍ବାଚନରେ ରାଜ୍ୟର ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀଙ୍କ ସହ ମୋଟ ୧୦ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବହୁ ପଛରେ କଂଗ୍ରେସର ରାଜ୍ୟସ୍ତରୀୟ ନେତା ଏହି କ୍ଷେତ୍ରକୁ ଗସ୍ତ କରି ଲୋକଙ୍କ ସମର୍ଥନ ହାସଲ କରିବାକୁ ଉଦ୍ୟମ କରୁଛନ୍ତି। ମାତ୍ର ଏହି ନିର୍ବାଚନମଣ୍ଡଳୀରେ ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ର ଓ ବିଜେଡି ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲଙ୍କ ମଧ୍ୟରେ ମହା ମୁକାବିଲା ଦେଖିବାକୁ ମିଳିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଇତିମଧ୍ୟରେ ସାଧାରଣ ନିର୍ବାଚନ ସରିଯାଇଥିବାରୁ ରାଜ୍ୟର ମନ୍ତ୍ରୀ ଓ ବିଧାୟକମାନେ ଏବେ ପାଟକୁରାରେ ଡେରା ପକାଇଛନ୍ତି। ବିଜେଡିର ଏହି ନେତାଙ୍କ ଭିଡ଼ ବିଜୟଙ୍କ ଜିତିବା ପାଇଁ ବୋଲି ଭାଜପାର ରାଜ୍ୟ ପ୍ରଭାରୀ ଅରୁଣ ସିଂହ କହିବା ପରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି । ସେହିପରି ଭାଜପାର ୨ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରତାପ ଷଡ଼ଙ୍ଗୀ, ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା, ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ନିର୍ବାଚନ ପ୍ରଚାରରେ ସାମିଲ ହୋଇଥିଲେ ମଧ୍ୟ ପ୍ରତିପକ୍ଷ ବିଜେଡି ପ୍ରତି କୌଣସି କଟୁ ସମାଲୋଚନା ଅଦ୍ୟାବଧି କରି ନାହାନ୍ତି। ମାତ୍ର ଭାଜପାର ପ୍ରଚାରକମାନେ ବିଜୟ ନିର୍ବାଚନରେ ବିଜୟୀ ହେଲେ ପାଟକୁରାବାସୀଙ୍କ ଉନ୍ନତି ହୋଇପାରିବ ବୋଲି ମତ ଦେଇଛନ୍ତି।

କେବଳ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ଭାଜପାର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ଓ ବରିଷ୍ଠ ନେତା ଦାମ ରାଉତ ରାଜ୍ୟ ସରକାରଙ୍କୁ ଘେରିବାକୁ ଚେଷ୍ଟା କରିଛନ୍ତି। ଅପରପକ୍ଷରେ ବିଜେଡି ପକ୍ଷରୁ ଦଳୀୟ ଅନ୍ତର୍କନ୍ଦଳକୁ ରୋକିବା ଏକ ପ୍ରମୁଖ ସମସ୍ୟା ହୋଇଛି। ପ୍ରତି ପଞ୍ଚାୟତ ପାଇଁ ବିଧାୟକ ଓ ମନ୍ତ୍ରୀମାନେ ଦାୟିତ୍ୱରେ ଥିଲେ ମଧ୍ୟ ପ୍ରଚାର ସମୟରେ ବିଜୟଙ୍କୁ ଟାର୍ଗେଟ କରିବା ଦେଖାଯାଉନାହିଁ । କିନ୍ତୁ ଉଭୟ ଦଳ ନିଜର ଶକ୍ତି ବୃଦ୍ଧି ପାଇଁ ମିଶ୍ରଣ ପର୍ବ, ବୁଥ ଲେଭୁଲ ସଂଗଠନକୁ ସୁଦୃଢ଼ କରିବାକୁ ଗୁରୁତ୍ୱ ଦେଇଛନ୍ତି। ସେପଟେ ବିଜେଡି ଓ ଭାଜପା କୋଳାକୋଳି ବୋଲି ମନ୍ତବ୍ୟ ଦେଇ କଂଗ୍ରେସ ଜନତାଙ୍କ ନିକଟତର ହେବାକୁ ଚେଷ୍ଟା ଚଳାଇଛି।

ଏସମ୍ପର୍କରେ ସମୀକ୍ଷକମାନେ କହିଛନ୍ତି, ଭାଜପା ପ୍ରାର୍ଥୀ ଅଶ୍ୱିନୀ ବୈଷ୍ଣବଙ୍କୁ ରାଜ୍ୟ ସଭାକୁ ମନୋନୀତ କରିବାରେ ବିଜେଡି ସମର୍ଥନ ଦେବାପରେ ଉଭୟ ଦଳ ପରସ୍ପରକୁ ଦୋଷ ଦେବା ବନ୍ଦ କରିଦେଇଛନ୍ତି । ତେବେ ଏହି ନିର୍ବାଚନ ଉଭୟଙ୍କ ପାଇଁ ସମ୍ମାନର ପ୍ରଶ୍ନ ହୋଇଥିବାରୁ ନିଜସ୍ୱ ରଣକୌଶଳକୁ ଗୁରୁତ୍ୱ ଦେଉଛନ୍ତି । ଶେଷ ଦୁଇ ଦିନ ପ୍ରଚାରରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତଥିବାରୁ ନିର୍ବାଚନ ଉପରେ ଏହାର କି ପ୍ରଭାବ ପଡ଼ିବ ତାହା ଏବେଠାରୁ କୁହାଯାଇ ପାରିବ ନାହିଁ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ମତ ଦେଇଛନ୍ତି।

## ଡେରାବିଶରେ ବିଜେଡିର ପଦଯାତ୍ରା



ପଦଯାତ୍ରାରେ ବିଜେଡି କର୍ମକର୍ତ୍ତା।

**ଡେରାବିଶ, ୧୫।୭ (ସ୍ୱ.ପ୍ର.)**

ପାଟକୁରା ନିର୍ବାଚନକୁ ଆଉ ଦିନ କେଇଟା ବାକି ଥିବା ବେଳେ ବିଜେଡି ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲଙ୍କ ପାଇଁ ଜୋରଦାର ପ୍ରଚାର ଚଳାଇଛନ୍ତି ଦଳୀୟ ନେତୃବୃନ୍ଦ। ସୋମବାର ରାଜନଗର ବିଧାୟକ ଧ୍ରୁବ ସାହୁ ଓ ଖଣ୍ଡପଡା ପ୍ରାକ୍ତନ ବିଧାୟକ ଅନୁଭବ ପଟ୍ଟନାୟକ ଡେରାବିଶ ବ୍ଲକ ଅଞ୍ଚଳରେ ବିଶାଳ ପଦଯାତ୍ରା କରି ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ଏହି ଅବସରରେ ସେମାନେ ନହଙ୍ଗ ପଞ୍ଚାୟତର ବିଭିନ୍ନ ଗ୍ରାମ ବୁଲି ସାବିତ୍ରୀଙ୍କୁ ଜିତାଇବାକୁ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ଉମାକାନ୍ତ ନାୟକଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଓ ମହିଳାମାନେ ସାମିଲ ହୋଇଥିଲେ। ଏହି ଅବସରରେ ପଦଯାତ୍ର ପରେ ଆୟୋଜିତ କର୍ମୀ ସମ୍ମିଳନୀରେ ବିଧାୟକ ସାହୁ ଓ ପ୍ରକ୍ତନ ବିଧାୟକ ପଟ୍ଟନାୟକ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଳର ପଞ୍ଚାୟତସ୍ତରୀୟ କର୍ମକର୍ତ୍ତା ସୁରେନ୍ଦ୍ର ଦାସ, ତ୍ରିଲୋଚନ ସାହୁ, ନିତ୍ୟାନନ୍ଦ ସାହୁ, ହେମନ୍ତ ମଲିକ ଓ ରବୀନ୍ଦ୍ର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନରେ ସହଯୋଗ କରିଥିଲେ।

## ଭାରତୀୟ କମ୍ୟୁନିଷ୍ଟ ପାର୍ଟି ବୈଠକ

**କେନ୍ଦ୍ରାପଡା ଅଫିସ, ୧୫।୭**

ସହରର ଗୋପ ଛକଠାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ଜିଲା ପରିଷଦ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି । ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ରାଉତ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ପାଟକୁରା ନିର୍ବାଚନ ସମ୍ପର୍କରେ ଆଲୋଚନା କରିବା ସହ ଜିଲାର ବିଭିନ୍ନ ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରାଯାଇଥିଲା । ଏସବୁ ସମସ୍ୟାଗୁଡିକୁ ପାର୍ଟି ପକ୍ଷରୁ ଉଠାଇବା ଲାଗି ସ୍ଥିର କରାଯାଇଥିଲା ।ଏଥିରେ ଜିଲା ସମ୍ପାଦକ ରମଣୀରଞ୍ଜନ ରାଉତରାୟ, ବିକାଶ ଚନ୍ଦ୍ର ବେଉରା, ସୁବାସିନୀ ଭଦ୍ର, ରଞ୍ଜନ କୁମାର ମଲ୍ଲିକ ଓ ନିରଞ୍ଜନ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। ପାଟକୁରା ନିର୍ବାଚନ ପାଇଁ ଏକ ସ୍ୱତନ୍ତ୍ର ବୈଠକରେ ରାଜ୍ୟ ସମ୍ପାଦକ ଯୋଗ ଦେଇ ମାର୍ଗ ଦର୍ଶନ କରିବେ ବୋଲି ଏଥିରେ ନିଷ୍ପତ୍ତି ହୋଇଥିଲା । ଏଥିସହ ଅଗଷ୍ଟ ୯ତାରିଖରେ ପାର୍ଟି ପକ୍ଷରୁ ଏକ ବିଶାଳ ସମାବେଶ କରାଯିବ ବୋଲି ସ୍ଥିର କରାଯାଇଥିଲା। ସମାବେଶରେ ବହୁ ସିପିଆଇ କର୍ମୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ସମାବେଶରେ ଫନୀ ବାତ୍ୟା କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି କରାଯିବ ବୋଲି ଆଲୋଚନା ହୋଇଥିଲା। ସେହିପରି ଜଙ୍ଗଲ ଜମିର ପଟ୍ଟା ପ୍ରଦାନ, ଶୀତଳ ଭଣ୍ଡାର ପ୍ରତିଷ୍ଠା ପାଇଁ ଦାବି କରିବା ଲାଗି ନିଷ୍ପତ୍ତି ହୋଇଥିଲା। ଏହାଛଡା ୫ ନମ୍ବର (କ) ଜାତୀୟ ରାଜପଥରେ ଟ୍ରକ ଚଳାଚଳକୁ ପ୍ରଶାସନିକସ୍ତରରେ ନିୟନ୍ତ୍ରଣ କରିବା ପାଇଁ ଆଲୋଚନା ହୋଇଥିଲା। କେନାଲ ସଫା କରିବା, ନିଯୁକ୍ତି ଆଶାୟୀଙ୍କୁ କର୍ମ ଯୋଗାଣ ଅଥବା ଭତ୍ତା ପ୍ରଦାନ ଆଦି ଦାବି କରିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଆଦିକନ୍ଦ ରାଉଳ, ନିରଞ୍ଜନ ଷଡ଼ଙ୍ଗୀ, ସଂଯୁକ୍ତା ରାଉତ ଓ ସୁବାସିନୀ ଭଦ୍ର ପ୍ରମୁଖ ଯୋଗଦେଇଥିଲେ ।

## ■ ପାଟକୁରାରେ ଭାଜପାର ହାଇଭୋଲ୍‌ଟେଜ ପ୍ରଚାର

# କର୍ମୀଙ୍କୁ ବିଜୟ ମନ୍ତ୍ର ଦେଲେ ସମ୍ବିତ

**ଡେରାବିଶ, ୧୫।୭ (ସ୍ୱ.ପ୍ର.)**



ପ୍ରଚାରରେ ଭାଜପା ମୁଖପାତ୍ର ସମ୍ବିତ ପାତ୍ର ଓ ଅନ୍ୟମାନେ।

ପାଟକୁରା ନିର୍ବାଚନମଣ୍ଡଳୀ ଅଧୀନ ଡେରାବିଶ ବ୍ଲକର ବିଭିନ୍ନ ପଞ୍ଚାୟତରେ ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ରଙ୍କ ପାଇଁ ପ୍ରଚାର କରିଛନ୍ତି ଦଳର ମୁଖପାତ୍ର ସମ୍ବିତ ପାତ୍ର। ଅନ୍ୟ ତୁଙ୍ଗ ନେତାଙ୍କ ସହ ମିଶି ସେ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଭୋଟରଙ୍କୁ ନିବେଦନ କରିଥିଲେ। ଏଥିସହ ବିଜୟଙ୍କୁ ବିଜୟୀ କରାଇବା ପାଇଁ ଦଳୀୟ କର୍ମୀଙ୍କୁ ସମ୍ବିତ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଆୟୋଜିତ ରୋଡ ଶୋ କେନ୍ଦ୍ରାପଡା କଲେଜ ଛକରୁ ଆରମ୍ଭ ହୋଇ ଗୁଆଲସିଂ ଓ କୁଶିଆପାଳ ପଞ୍ଚାୟତର ଉଦୟନଗର, ମୋଗଲବାଗ, ମିର୍ଜାପାଟଣା, ଛାଂଚୁଣିଆ, ଠାକୁରହାଟ, ଠାକୁରପାଟଣା, ଖସାପଡିଆ, ବାବୁରାମପାଟଣା, କୁଶିଆପାଳ ଛକ ଦେଇ ଶ୍ରୀଲଛମନ ଜୀଉ ମନ୍ଦିର ନିକଟରେ ପହଞ୍ଚିଥିଲା। ସେଠାରୁ ଶ୍ରୀଜୀଉଙ୍କ ଦର୍ଶନ ସାରି ଅଳାବାଙ୍କ ଦେଇ ବିହାରୀଛକସ୍ଥିତ ଦଳୀୟ କାର୍ଯ୍ୟାଳୟରେ ପହଞ୍ଚି କର୍ମୀଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ବିଭିନ୍ନ ସ୍ଥାନରେ ଦଳୀୟ ନେତାମାନେ ପଥପ୍ରାନ୍ତ ସଭା କରି ରାଜ୍ୟ ସରକାରଙ୍କୁ ସମାଲୋଚନା କରିବା ସହ ବିଜୟଙ୍କୁ ଜିତାଇବାକୁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ କନକବର୍ଦ୍ଧନ ସିଂଦେଓ, ପୂର୍ବତନ ମନ୍ତ୍ରୀ ସମୀର ଦେ, ବିଧାୟକ ନାଉରୀ ନାୟକ, ରାଜେନ୍ଦ୍ର ସାମଲ, ପ୍ରଦୀପ ପଟ୍ଟନାୟକ, ବିଷ୍ଣୁ ଦାସ, ମାନସ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

ସେହିପରି କୁଶିଆପାଳ ପଞ୍ଚାୟତରେ ଭାଜପାର ମହିଳା ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ମନ୍ତ୍ରୀ ସମୀର ଦେ ଓ ବିଧାୟକ ଜୟନାରାୟଣ ମିଶ୍ର ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାର ମହିଳା ଶସକ୍ତିକରଣ ଦିଗରେ ନେଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ସଭାରେ ବହୁ ସଂଖ୍ୟାରେ ମହିଳାମାନେ ଉପସ୍ଥିତ ଥିଲେ। ଏହାବ୍ୟତୀତ ଗୋଲରାହାଟ ପଞ୍ଚାୟତରେ ପୂର୍ବତନ ସରପଞ୍ଚ ତ୍ରିଲୋଚନ ରାଉତଙ୍କ କର୍ମୀ ବିଭିନ୍ନ ପଞ୍ଚାୟତକୁ ଯାଇ ଦଳୀୟ ପ୍ରାର୍ଥୀ ବିଜୟଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ।

## ■ ବାବୁଲିଙ୍କୁ ଗୁଳିମାଡ଼ ଘଟଣା

# ୧୭ରେ ଜିଲା ବନ୍ଦ ଡାକରା, ମୁଖ୍ୟମନ୍ତ୍ରୀଙ୍କ ଗସ୍ତ

**କେନ୍ଦ୍ରାପଡା ଅଫିସ, ୧୫।୭**

ଗତ ୧୩ ତାରିଖ ସନ୍ଧ୍ୟାରେ ସଦର ଥାନା ଅନ୍ତର୍ଗତ ସହରର ଦଣ୍ଡାମୁଣ୍ଡ ଛକଠାରେ ଗୁଳିମାଡ଼ ଘଟଣା ଜିଲା ପୋଲିସ ପାଇଁ ମୁଣ୍ଡବିନ୍ଧାର କାରଣ ସାଜିଛି। ଘଟଣାର ୪୮ ଘଣ୍ଟା ବିତିଥିଲେ ମଧ୍ୟ ଅପରାଧୀଙ୍କ ସୁରାକ ମିଳିନାହିଁ। ଗୁଳିମାଡ଼ରେ ଧର୍ମରକ୍ଷା ସେନାର ଜିଲା ଆବାହକ ତଥା ବଜାର କମିଟି ସଭାପତି ବିବେକାନନ୍ଦ ମହାରଣା ଓରଫ ବାବୁଲି ଗୁରୁତର ହୋଇ କଟକ ବଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅପରାଧୀକୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଗିରଫ କରିବାକୁ ଦାବି ହୋଇଛି । ଦାବି ପୂରଣ ନ ହେଲେ ଆସନ୍ତା ୧୭ ତାରିଖରେ ସମଗ୍ର ଜିଲାର ସରକାରୀ ଓ ବେସରକାରୀ ଅନୁଷ୍ଠାନ ବନ୍ଦ ରହିବ ବୋଲି ଏସ୍‌ପି ନୀତିଶେଖରଙ୍କୁ ଲିଖିତ ଭାବେ ଜଣାଇଦିଆଯାଇଛି। ଅପରପକ୍ଷରେ ସେଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପାଟକୁରା ଗସ୍ତ କରି ନିର୍ବାଚନ ପ୍ରଚାରରେ ସାମିଲ ହେବା କାର୍ଯ୍ୟକ୍ରମ ରହିଛି। ଏନେଇ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ଏନେଇ ପୋଲିସର ଚିନ୍ତା ବଢ଼ିଯାଇଛି।

ସୂଚନାଯୋଗ୍ୟ, ବାବୁଲିଙ୍କୁ ଦଣ୍ଡାମୁଣ୍ଡ ଛକରେ ୨ଜଣ ଦୁର୍ବୃତ୍ତ ଗୁଳିମାଡ଼ କରି ଫେରାର ହୋଇଯିବା ପରେ ଜିଲାରେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡିଯାଇଛି। ଆଇଜି

**ଚିନ୍ତାରେ ପୋଲିସ**

ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ ଏହି ମାମଲାକୁ ଗୁରୁତ୍ୱ ଦେଇଥିଲେ ମଧ୍ୟ ତଦନ୍ତକୁ ଠିକ୍ ଭାବେ ପରିଚାଳନା କରାଯାଇ ପାରିନାହିଁ । ସୋମବାର ଦିନସାରା ତିନିମୁହାଣୀ ଓ ଦଣ୍ଡାମୁଣ୍ଡ ଛକ ବନ୍ଦ ରହିଛି । ଏହା ପୂର୍ବରୁ ରବିବାର ସହରର ଗରାପୁର,ଦଣ୍ଡାମୁଣ୍ଡ ଛକ, ତିନମୁହାଣି, ଦୁହିରିଆସ୍ଥିତ ଜାତୀୟ ଓ ରାଜ୍ୟ ରାଜପଥଠାରେ ରାସ୍ତାରୋକୋ ହେବାସହ ସହରର ପ୍ରବେଶ ସ୍ଥାନଗୁଡିକରେ ଟାୟାର ଜାଳି ରାସ୍ତାରୋକୋ କରାଯାଇଥିଲା। ଜିଲା ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଉତ୍ତେଜନା ପୂର୍ଣ୍ଣ ସ୍ଥିତି ଏବେବି ଜାରିରହିଛି । ସେହିପରି ବଜାର କମିଟି ପକ୍ଷରୁ ଏନେଇ ଏକ ବୈଠକରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଜାର କମିଟି, ପୂଜା କମିଟି, ବିଭିନ୍ନ ସାମାଜିକ ଓ ଧାର୍ମିକ ସଂଗଠନ କର୍ମକର୍ତ୍ତା ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ । ବୈଠକରେ ୫୦୦ରୁ ଊର୍ଦ୍ଧ୍ୱ ସଦସ୍ୟ ସାମିଲ ହୋଇ ଅପରାଧୀଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ।

ଏ ସମ୍ପର୍କରେ ଏସପି ନୀତିଶେଖର କହିଛନ୍ତି, ସହରରେ ଆଇନଶୃଙ୍ଖଳା ପରିସ୍ଥିତି ପ୍ରତି ଦୃଷ୍ଟି ଦିଆଯାଇଛି । ଗୁଳିମାଡ଼ ଘଟଣାର ତଦନ୍ତ ଚାଲିଛି । ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଓ ପାଟକୁରା ନିର୍ବାଚନକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

## ଗିରିବନ୍ଧ ପଡିଆରେ ବୃକ୍ଷରୋପଣ



ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଓ ଅନ୍ୟମାନେ।

**ଆଳି,୧୫।୭ (ଡି.ଏନ୍.ଏ.)**

ଆଳି ବ୍ଲକ ଦେମାଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ଭାସ୍କର ସାମଲଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଭାସ୍କର ସାମଲ ଫାଉଣ୍ଡେଶନ ପକ୍ଷରୁ ବୃକ୍ଷରୋପଣ କରାଯାଇଥିଲା। ଏହି ଅବସରରେ ସୁଶ୍ରୀଦେବୀ ମହିଳା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସ୍ମୃତିସଭାରେ ଅଧକ୍ଷ ପ୍ରଫୁଲ ବେହେରା ଅଧ୍ୟକ୍ଷତାରେ କରିଥିଲେ। ସଭାରେ ସ୍ୱର୍ଗତ ସାମଲଙ୍କ ସ୍ତ୍ରୀ ପ୍ରେମଲତା ସାମଲ ମୁଖ୍ୟଅତିଥି, ପଞ୍ଚାୟତ ସମିତି ଅଧକ୍ଷା ଝରଣା ଦାଶ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ସରପଞ୍ଚ ମନୋରଞ୍ଜନ ସାମଲ ଯୋଗଦେଇ ସ୍ୱର୍ଗତ ସାମଲଙ୍କ ସ୍ମୃତିଚାରଣ କରିଥିଲେ। ଏହାପରେ ଗିରିବନ୍ଧ ପଡିଆରେ ବୃକ୍ଷରୋପଣ କରାଯାଇଥିଲା।

# ଘରକୁ ଘର ବୁଲି ବିଜେଡିର ଭୋଟ ଭିକ୍ଷା

**ମାର୍ଶାଘାଇ, ୧୫।୭ (ଡି.ଏନ.ଏ.)**



ପ୍ରଚାରରେ ସାମିଲ ହୋଇଥିବା ଦଳୀୟ କର୍ମକର୍ତ୍ତା।

ପାଟକୁରା ନିର୍ବାଚନମଣ୍ଡଳୀ ଅଧୀନ ମାର୍ଶାଘାଇ ବ୍ଲକ ବଛରାଇ ପଞ୍ଚାୟତରେ ଦଳୀୟ ପର୍ଯ୍ୟବେକ୍ଷକ ତଥା ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି ସୋମବାର ଘରକୁ ଘର ବୁଲି ବିଜେଡି ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲଙ୍କ ପାଇଁ ଭୋଟ ଭିକ୍ଷା କରିଛନ୍ତି। ଏହି ଅବସରରେ ତାଙ୍କ ସହ ସ୍ଥାନୀୟ ସରପଞ୍ଚ ଗୌରୀରାଣୀ ପ୍ରଧାନ, ପୂର୍ବତନ ସରପଞ୍ଚ ପ୍ରଦୀପ୍ତ କୁମାର ପ୍ରଧାନ, ପଞ୍ଚାୟତ ସମିତି ଉପାଧକ୍ଷା ମମତା ପ୍ରଧାନ, ଅରବିନ୍ଦ ନାୟକ, ଜିଲା ଯୁବ ବିଜେଡି ଉପ ସଭାପତି ଜୟଦେବ ପରିଡ଼ାଙ୍କ ସମେତ ୫୦୦ରୁ ଊର୍ଦ୍ଧ୍ୱ କର୍ମୀ ସାମିଲ ହୋଇଥିଲେ। ସେହିପରି ୨୪ ନଂ. ଜୋନ୍ ପର୍ଯ୍ୟବେକ୍ଷକ ପ୍ରଫୁଲ୍ଲ ମଲିକ, ବିଧାୟକ ଅତନୁ ସବ୍ୟସାଚୀ ନାୟକ, ବିଧାୟକ ସାରଦା ନାୟକ, ଗିରିଶ ଚନ୍ଦ୍ର ଦାସ, ପ୍ରମୋଦ ରଥ ପ୍ରମୁଖ ଜଳପୋକ ପଞ୍ଚାୟତରେ ପହଞ୍ଚି ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ। ସେହିପରି ବିଧାୟକ ପ୍ରଶାନ୍ତ ମୁଦୁଲି, ଦେବାଶିଷ ମାରାଣ୍ଡି ପ୍ରମୁଖ ଆଇତିପୁର, ମେହେନ୍ଦିନଗର ଏବଂ ବଛରାଇ ପଞ୍ଚାୟତରେ ଦଳୀୟ ସଭା କରି ଭୋଟ ଭିକ୍ଷା କରିଥିଲେ। ଦଳୀୟ ପର୍ଯ୍ୟବେକ୍ଷକ ଉତ୍ତର ଭୁବନେଶ୍ୱରର ବିଧାୟକ ଅନନ୍ତ ନାରାୟଣ ଜେନା, ଜଗତ୍‌ସିଂହପୁର ବିଧାୟକ ପ୍ରମୁଖ ଏହି ସଭାରେ ସାମିଲ ହୋଇଥିଲେ। କରିଲୋପାଟଣା ପର୍ଯ୍ୟବେକ୍ଷକ ତଥା ଢେଙ୍କାନାଳର ପୂର୍ବତନ ବିଧାୟକ ସୁଧୀର ସାମଲ ଏବଂ ଜଟଣୀର ପୂର୍ବତନ ବିଧାୟକ ବିଭୂତି ବଳବନ୍ତରାୟ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେଇ ଜିତାଇବାକୁ ନିବେଦନ କରିଥିଲେ। ଯମପଡାରେ ବ୍ଲକ ବିଜେଡି ସଭାପତି ସଞ୍ଜୟ କୁମାର ଲେଙ୍କା, ପ୍ରମୋଦ କୁମାର ରଥଙ୍କ ସମେତ ମନ୍ତ୍ରୀ ଓ ବିଧାୟକମାନେ ସାମିଲ ହୋଇଥିଲେ। ସେହିପରି ଯମପଡାରେ ରୋମାଞ୍ଚ ରଞ୍ଜନ ବିଶ୍ୱାଳ କର୍ମୀମାନଙ୍କ ସହ ପ୍ରତି ଘରକୁ ଯାଇ ଭୋଟ ଭିକ୍ଷା କରୁଥିବା ଦେଖାଯାଇଥିଲା।

## ■ ଅର୍ଥ ମଞ୍ଜୁର ସତ୍ତ୍ୱେ ନିର୍ମାଣ ହେଉନି ସେତୁ

# ଅପହଞ୍ଚ ଏକାଧିକ ପଞ୍ଚାୟତ

**ଆଳି, ୧୫।୭ (ଡି.ଏନ.ଏ.)**



ସଡ଼କପଥ ସୁବିଧା ନ ଥିବାରୁ ଲୋକମାନେ ଡଙ୍ଗାରେ ନଦୀ ପାର ହେଉଛନ୍ତି।

ଆଳି ବ୍ଲକର ଚତୁଃପାର୍ଶ୍ୱରେ ଖରସ୍ରୋତା, ବ୍ରାହ୍ମଣୀ ଓ ଶାଖା କାଣୀ ନଦୀ ଘେରି ରହିଛି। କେତେକସ୍ଥାନକୁ ସେତୁ ସଂଯୋଗ କରାଯାଇଥିବା ବେଳେ ଏବେ ବି ବ୍ଲକ ଅଧୀନରେ ଆଉ କେତେକ ଅଞ୍ଚଳ ରହିଛି, ଯଉଁସ୍ଥାନକୁ ଏ ଯାବତ୍ ଯା'ଆସ କରିବାକୁ ରାସ୍ତାଟିଏ ନାହିଁ। ଏବେ ବି ଲୋକମାନେ ଡଙ୍ଗା ଉପରେ ନିର୍ଭରଶୀଳ। ତେବେ ସବୁ ଅପହଞ୍ଚ ଅଞ୍ଚଳକୁ ସଡ଼କ ପଥରେ ଯୋଡ଼ିବା ସକାଶେ ଯୋଜନା ପ୍ରସ୍ତୁତ କରିଥିଲେ ବି ଏହା ସରକାରୀ ନାଳିଫିତା ତଳେ ରହିଯାଇଛି।

ଅଭିଯୋଗ ଅନୁସାରେ, ଖରସ୍ରୋତା ନଦୀର ବଳିତର ଘାଟ ନିକଟରେ ସେତୁ ନିର୍ମାଣ ଲାଗି ୨୦୧୫ରୁ ସରକାରୀ କାଗଜପତ୍ର ଶେଷ ହୋଇଥିଲେ ବି ଏ ଯାଏଁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। ସେହିପରି ବର୍ଷସାରା ଜଳବନ୍ଦୀ ଥିବା ଆଳି ବ୍ଲକର ପଦନୀପାଳ ପଞ୍ଚାୟତକୁ ସେତୁ ନିର୍ମାଣ ପାଇଁ ପଞ୍ଚାୟତବାସୀ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏକାଧିକ ଥର ଏହି ସେତୁ ନିର୍ମାଣ ନିମନ୍ତେ ଅର୍ଥ ମଞ୍ଜୁର ହୋଇଥିଲେ ବି ଏ ଯାଏଁ କାର୍ଯ୍ୟାରମ୍ଭ ହୋଇପାରିନାହିଁ। ଏପରିକି ଉକ୍ତ ଗ୍ରାମର ଜନୈକ ସ୍କୁଲ ଛାତ୍ର ସେତୁ ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଚିଠି ଲେଖିବା ସେତେବେଳେ ଚର୍ଚ୍ଚାର ବିଷୟ ପାଲଟିଥିଲା। ହେଲେ ଏଯାଏଁ ବି ସେତୁ ନିର୍ମାଣ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବା ବେଳେ କେବଳ ଭୋଟ ମାଗିବାକୁ ଆସୁଥିବା ରାଜନେତା ଦୃଷ୍ଟି ଦେଉନାହାନ୍ତି ବୋଲି ଶିକ୍ଷାବିତ୍ ରବୀନ୍ଦ୍ର କୁମାର ଦାସ କୁହନ୍ତି। ଅନ୍ୟପକ୍ଷରେ ଏକମାଣିଆ ପଞ୍ଚାୟତକୁ ଗମନାଗମନ ସୁବିଧା ନିମନ୍ତେ ରାଜନଗର ବ୍ଲକର କେରଡାଗଡଠାରେ ହଂସୁଆ ନଦୀ ଉପରେ ସେତୁ ନିର୍ମାଣ ପାଇଁ ୨୦୧୬ ନଭେମ୍ବରରେ ମୁଖ୍ୟମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେହେଲେ ଏ ଯାଏଁ ନିର୍ମାଣ ଆରମ୍ଭ ହେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଯାଇଛି। ସେହିପରି ସିଙ୍ଗିରି ନିକଟସ୍ଥ ଶ୍ରୀରାମପୁର ଘାଟରେ ସେତୁ ପାଇଁ ଅର୍ଥ ମଞ୍ଜୁର କରାଯାଇଥିଲେ ବି ଏହା ଆରମ୍ଭ ହୋଇପାରୁନାହିଁ। ତେବେ ବ୍ଲକ ଅଞ୍ଚଳର ଏହି ନଦୀଗୁଡ଼ିକରେ ଯାହାଜ ଚଳାଚଳ ପାଇଁ କେନ୍ଦ୍ର ସରକାର ଯୋଜନା ପ୍ରସ୍ତୁତ କରୁଥିବାରୁ ସେତୁ ନିର୍ମାଣ କାର୍ଯ୍ୟ ବିଳମ୍ବ ହେଉଥିବା ଜଣାପଡିଛି। ଏ ବିଷୟରେ ଆଳି ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ଗୁଣନିଧି ସାମଲ କହିଛନ୍ତି, ସମସ୍ତ ସେତୁ ନିର୍ମାଣ କାର୍ଯ୍ୟ ଖୁବ୍ ଶୀଘ୍ର ଆରମ୍ଭ କରାଯିବା ପାଇଁ ବ୍ୟବସ୍ଥା କରାଯାଉଛି।

## ସଂକ୍ଷେପରେ

### ବାହୁଡ଼ା କ୍ଷେତ୍ରରେ କବିତା ଆସର

**ପାରାଦୀପ, ୧୫।୭ (ସ୍ୱ.ପ୍ର.):** ପାରାଦୀପ ଜଗନ୍ନାଥ ମନ୍ଦିର ପାଖ ଆଡ଼ପମଣ୍ଡରେ ବାହୁଡ଼ା ଯାତ୍ରା ଓ ସୁନାବେଶ ଅବସରରେ କବିତା ଆସର ଅନୁଷ୍ଠିତ ହୋଇଛି। ମୈନାକ୍ୟ ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଏହି ଆସରରେ କବିୟିତ୍ରୀ କବିମାନେ ଯୋଗଦେଇ ଜଗନ୍ନାଥଙ୍କୁ ନେଇ କବିତା ପାଠ କରିଥିଲେ। ସଂସଦର ସଭାପତି ଡା. ସନ୍ତୋଷ କୁମାର ସାମଲଙ୍କ ସଂଯୋଜନାରେ ଆୟୋଜିତ ଆସରରେ କବି ନଗେନ୍ଦ୍ରନାଥ ସ୍ୱାଇଁ, ଧ୍ରୁବଚରଣ ମହାପାତ୍ର, ନିତ୍ୟାନନ୍ଦ ପଣ୍ଡା, ତୁଳସୀ ବରାଳ, ନିହାରିକା ବାରିକ, ପ୍ରେମଲତା ବାରିକ ପ୍ରମୁଖ କବିତା ଆବୃତ୍ତି କରିଥିଲେ।

### ୧ ଗାଈ, ୬ ଛେଳି ଅର୍ଦ୍ଧଦଗ୍ଧ

**ବାଲିକୁଦା, ୧୫।୭(ସ୍ୱ.ପ୍ର):** ବାଲିକୁଦା ତହସିଲ ଅଧୀନ ସଂଗ୍ରାମପୁର ପଞ୍ଚାୟତର ଖମ୍ବାକୁଳ ଗାଁରେ ରବିବାର ରାତି ୧୧ଟାରେ ଅଗ୍ନିକାଣ୍ଡ ଘଟି ବୈରାଗୀ ଭୋଇଙ୍କ ଗୁହାଳ ସମେତ ବଖରାଏ ଘର ପୋଡିଯାଇଛି। ବିଦ୍ୟୁତ୍ ଶଟ୍ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଏଥିରେ ତାଙ୍କର ଗୋଟିଏ ଗାଈ ସମେତ ୬ଟି ଛେଳି ଅର୍ଦ୍ଧଦଗ୍ଧ ହୋଇଥିବା ଜଣାପଡିଛି। ପରିବାର ଲୋକେ ରାତିରେ ଗାଈକୁ ଖାଇବାକୁ ଦେଇ ଗୁହାଳ ବନ୍ଦ କରି ଘରକୁ ଯାଇଥିଲେ। ମାତ୍ର ରାତି ପ୍ରାୟ ୧୧ ଟାରେ ଗୁହାଳ ଜଳୁଥିବା ଦେଖି ଡାକ ପକାଇଥିଲେ। ବାଲିକୁଦା ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ବନ୍ଦର ନିଷିଦ୍ଧାଞ୍ଚଳରେ ହାଇୱା ଚାଳକଙ୍କ ମୃତ୍ୟୁ

**ପାରାଦୀପ, ୧୫।୭(ସ୍ୱ.ପ୍ର):** ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳରେ ସୋମବାର ଜଣେ ହାଇୱା ଚାଳକଙ୍କ ଅସ୍ୱାଭାବିକ ଭାବେ ମୃତ୍ୟୁ ଘଟିଛି। ସେ ହେଲେ ବିହାର ରାଜ୍ୟ ବୋଇନାଳି ଅଞ୍ଚଳର ସଞ୍ଜୟ ରାୟ (୩୪)। ସେ ସୁନ୍ଦରଗଡ଼ ଅଞ୍ଚଳର ସୁବ୍ରତ ଖାନଙ୍କ ଗାଡ଼ି (ନଂ.ଓଡି୦୪ଏଲ୍୭୬୦୩) ଚଳାଉଥିଲେ। ରବିବାର ରାତି ୧ଟାରେ ପଣ୍ୟ ନେଇ ପୋର୍ଟ ଗେଟ୍‌ରେ ପଶିଥିଲେ। ସକାଳୁ ପଣ୍ୟ ଖାଲି କରିବା କଥା। କିନ୍ତୁ ପଣ୍ୟ ଖାଲି ନ ହେବାରୁ ମାଲିକ ଫୋନ କରିଥିଲେ। କିନ୍ତୁ କୌଣସି ଜବାବ ପାଇ ନ ଥିଲେ। ସେ ଆସି ପୋର୍ଟ ଭିତରେ ପଶି ଗାଡି କ୍ୟାବିନ ଖୋଲିବାରେ ସୁବ୍ରତଙ୍କ ମୃତଦେହ ମିଳିଥିଲା। ତାଙ୍କ ନାକ ଓ ପାଟିରୁ ରକ୍ତ ବାହାରୁଥିବା ଦେଖାଯାଇଥିଲା। ସେ ଷ୍ଟିୟରିଂ ଉପରେ ମଣ୍ଡ ରଖି ବସିଥିଲେ। ପାରାଦୀପ ମଡେଲ ଥାନା ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ମହାପ୍ରଭୁଙ୍କ ନୀଳାଦ୍ରି ବିଜେ

**ପାରାଦୀପ, ୧୫।୭(ସ୍ୱ.ପ୍ର):** ପାରାଦୀପର ବିଭିନ୍ନ ସ୍ଥାନରେ ଚାଲିଥିବା ରଥଯାତ୍ରା ସୋମବାର ସମାପିତ ହୋଇଛି। ସନ୍ଧ୍ୟାରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ମା' ସୁଭଦ୍ରାଙ୍କ ନିଳାଦ୍ରୀ ବିଜେ ନୀତି ଅନୁଷ୍ଠିତ ହୋଇଛି। ମଧୁବନରେ ଶ୍ରୀଜୀଉମାନଙ୍କୁ ପହଣ୍ଡିରେ ଶ୍ରୀମନ୍ଦିରକୁ ନିଆଯାଇଥିଲା। ସେହିପରି ଇଫ୍‌କୋ ପରିସରରେ ପ୍ରଥମ କରି ହୋଇଥିବା ରଥଯାତ୍ରା ନୀତି ଶୃଙ୍ଖଳାର ସହ ସମାପନ ହୋଇଛି। ଷଣ୍ଢକୁଦ ଜଗନ୍ନାଥ ମନ୍ଦିରରେ ମଧ ନିଳାଦ୍ରୀ ବିଜେ କରାଯାଇଛି।

# ଫାଇଲକୁ କେନ୍ଦ୍ରକରି ବ୍ଲକ ଫାଟକରେ ତାଲା

**ରଘୁନାଥପୁର, ୧୫।୭ (ଡି.ଏନ୍.ଏ.)**

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ କାର୍ଯ୍ୟାଳୟରେ ସୋମବାର ଅପରାହ୍ନରେ ଏକ ଅଭାବନୀୟ ପରିସ୍ଥିତି ଉପୁଜିଥିଲା। ପୁରୁଣାବସନ୍ତ ପଞ୍ଚାୟତର ଏକ ଫାଇଲକୁ କେନ୍ଦ୍ରକରି ବ୍ଲକ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଯାଇଥିଲା। ଏପରିକି ଦୁଇ ଗୋଷ୍ଠୀ ମଧ୍ୟରେ ଧସ୍ତାଧସ୍ତି ହେବା ସହ ଗେଟ୍‌ରୁ ତାଲା ଭାଙ୍ଗି ଭିତରେ ଥିବା ଅଧକ୍ଷାଙ୍କୁ ଉଦ୍ଧାର କରିଥିଲେ ବିଧାୟକଙ୍କ ସମର୍ଥକମାନେ। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିବା ବେଳେ ଉପସ୍ଥିତ ପୋଲିସ କେବଳ ନୀରବଦ୍ରଷ୍ଟା ଭାବେ ଠିଆହୋଇ ରହିଥିଲା। ବ୍ଲକ ଅଧକ୍ଷା ସ୍ୱପ୍ନାସରିତା ବଳଙ୍କ କହିବା ଅନୁଯାୟୀ, ଦେଉଳିସାହିସ୍ଥିତ ଅନ୍ତ୍ୟୋଦ୍ୱୟ ହାଇସ୍କୁଲରେ ଏକ ପିଣ୍ଡି କାମକୁ ନେଇ ଅଭିଯୋଗ ହେବା ପରେ ଡିପାର୍ଟମେଣ୍ଟ ଜିପିଟିଏ ଶ୍ରୀକାନ୍ତ ବେହେରାଙ୍କ ନାମରେ ଥିବା ଉକ୍ତ କାର୍ଯ୍ୟାଦେଶ ଫାଇଲଟିକୁ ଅନୁଧ୍ୟାନ କରିବାକୁ ନିଜ ପାଖରେ ରଖିଥିଲି। ଦୁଇଦିନ ଛୁଟି ପଡିବା ପରେ ସୋମବାର ଅଫିସକୁ ଆସି ଚାମ୍ବରରେ ବସିଥିଲି। ତେବେ ୩ ଜଣ ଅସାମାଜିକ ବ୍ୟକ୍ତି ବ୍ଲକ କାର୍ଯ୍ୟାଳୟକୁ ଆସି ତାଙ୍କୁ ଗାଳିଗୁଲଜ କରିବା ସହ ଜୀବନରୁ ମାରି ଦେବାକୁ ଧମକ ଦେଇଥିବା ବଳ ଅଭିଯୋଗ କରିଛନ୍ତି। ଅପରାହ୍ନ ୫ଟାରେ କାର୍ଯ୍ୟାଳୟରୁ ବାହାରିବା ସମୟରେ ଉକ୍ତ ଅସାମାଜିକ ଯୁବକମାନେ ଗେଟ୍‌ରେ ତାଲା ପକାଇ ଦେଇଥିଲେ। ଏ ସମ୍ପର୍କରେ ପୋଲିସକୁ ଫୋନ୍ କରି ଜଣାଇବା ପରେ ମଧ ସେମାନେ ବିଳମ୍ବରେ ଆସି କେବଳ ନୀରବଦ୍ରଷ୍ଟା ସାଜିଥିଲେ। ଏପରିକି କେତେଜଣ ସରପଞ୍ଚ ଓ ସମ୍ପର୍କୀୟ ବ୍ୟକ୍ତି ଖବରପାଇ ବ୍ଲକରେ ପହଞ୍ଚି ତାଲା ଭାଙ୍ଗି ତାଙ୍କୁ ଉଦ୍ଧାର କରିଥିବା ଅଧକ୍ଷା ବଳ ପ୍ରକାଶ କହିଛନ୍ତି। ବିଡିଓ ଅଫିସରେ ଥିଲେ ସୁଦ୍ଧା ସମସ୍ତ ଘଟଣା ଜାଣି ନୀରବରେ ବସି ରହିଥିଲେ। ତେବେ ଅଧକ୍ଷା ବଳ ଜୀବନରୁ ମାରି ଦେବାର ଧମକ ଦିଆଯିବା ଏବଂ ଦୁର୍ବ୍ୟବହାର ସମ୍ପର୍କରେ ରଘୁନାଥପୁର ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଅଧକ୍ଷାଙ୍କ ସପକ୍ଷ ଓ ବିପକ୍ଷ ଦୁଇଗୋଷ୍ଠୀ ମଧ୍ୟରେ ଉଚ୍ଚବାଚ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଜାଣିଶୁଣି ପ୍ରତ୍ୟେକ କ୍ଷେତ୍ରରେ ବିପକ୍ଷ ଗୋଷ୍ଠୀଙ୍କୁ ଅଯଥାରେ ହଇରାଣ ଓ ବିରୋଧ କରାଯାଉଛି ବୋଲି ପାଲଟା ଅଭିଯୋଗ ହୋଇଛି। ଅଧକ୍ଷା ବଳଙ୍କ ଅଭିଯୋଗକ୍ରମେ ସରୋଜ କୁମାର ସାହୁ, ମନୋଜ ମହାନ୍ତି, ପ୍ରମୋଦ କୁମାର ସ୍ୱାଇଁଙ୍କ ବିରୋଧରେ ଥାନାରେ ନଂ. ୫୪/୧୯ରେ ମାମଲା ରୁଜୁ ହୋଇଛି। ଆଇଆଇସି ବବିତା ଦଳେଇଙ୍କ କହିବା ଅନୁଯାୟୀ ଅଭିଯୁକ୍ତମାନଙ୍କ ଧରିବା ଲାଗି ଚେଷ୍ଟା ଜାରି ରହିଛି।

**ପୋଲିସ ନୀରବଦ୍ରଷ୍ଟା**



ବ୍ଲକ ମୁଖ୍ୟ ଫାଟକ ଆଗରେ ଉତ୍ତ୍ୟକ୍ତ ଲୋକେ ତାଲା ପକାଇଛନ୍ତି।

- ଦୁଇଗୋଷ୍ଠୀ ମଧ୍ୟରେ ଧସ୍ତାଧସ୍ତି
- ତାଲା ଭାଙ୍ଗି ଅଧକ୍ଷାଙ୍କୁ ଉଦ୍ଧାର କଲେ ବିଧାୟକଙ୍କ ସମର୍ଥକ

### ବ୍ୟକ୍ତିଗତ ଜମିରେ ରାସ୍ତା ନିର୍ମାଣ ଉଦ୍ୟମ

# ଜମି ମାଲିକଙ୍କ ବିରୋଧ, ଗ୍ରାମରେ ଉତ୍ତେଜନା

**ତିର୍ତ୍ତୋଲ, ୧୫।୭(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ପୋରଗଦେଇ ଗ୍ରାମର କୈଳାସ ଚନ୍ଦ୍ର ସାହୁଙ୍କ ବ୍ୟକ୍ତିଗତ ଜମି ଖାତା ନଂ. ୨୨୧/୯୨ ପ୍ଲଟ ନଂ.୧୯୦ ଉପରେ ସର୍ବସାଧାରଣ ରାସ୍ତା ନିର୍ମାଣ ପାଇଁ ଉଦ୍ୟମ କରାଯାଉଛି। ଏହାକୁ ବିରୋଧ କରି ଜମି ମାଲିକ ଥାନାରେ ଅଭିଯୋଗ କରିଥିବାବେଳେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ପ୍ରକାଶ ଯେ, ଏହି ଜମିରେ ଥିବା ବାଡକୁ ଗ୍ରାମର ୫ଜଣ ଲୋକ ଉପାଡିବା ସମୟରେ ଜମି ମାଲିକ କୈଳାସ ବିରୋଧ କରିଥିଲେ। ଏହାକୁ ନେଇ ଯୁକ୍ତିତର୍କ ହେବା ପରେ ସମ୍ପୃକ୍ତ ଲୋକେ କୈଳାସଙ୍କୁ ଦୁର୍ବ୍ୟବହାର କରିବା ସହ ଆକ୍ରମଣ ଉଦ୍ୟମ କରିଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିବା ପରେ ଏସଆଇ ଡମ୍ବରୁଧର ମଲ୍ଲିକ ଅନ୍ୟ ପୋଲିସ କର୍ମଚାରୀଙ୍କ ସହ ଘଟଣାସ୍ଥଳକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିଥିଲେ। ସୂଚନାଯୋଗ୍ୟ, ୩ ବର୍ଷ ତଳେ ଆରଡି ବିଭାଗ ତରଫରୁ ଖୋସାଲପୁର-ପୋରଗଦେଇଠାରୁ ରାଣୀତୋଳା ରାସ୍ତା ନିର୍ମାଣ ବେଳେ ଏହି ବ୍ୟକ୍ତିଗତ ଜମିରେ ରାସ୍ତା ନେବାକୁ ଉଦ୍ୟମ ହୋଇଥିଲା। ଠିକାଦାର ଏହି ଜମି ଉପରେ ଢଳାଇ ରାସ୍ତା ନିର୍ମାଣ କରିବାକୁ ଉଦ୍ୟମ କରିବାରୁ ଜମି ମାଲିକ ବିରୋଧ କରି କୋର୍ଟରେ ମାମଲା ଦାଏର କରିଥିଲେ। ଜଗତ୍‌ସିଂହପୁର ସିଭିଲ ଜଜ(ଜୁନିୟର ଡିଭିଜନ)ଙ୍କ କୋର୍ଟରେ ଆରଡି ବିଭାଗ ନିର୍ବାହୀ ଯନ୍ତ୍ରୀ ଓ ଠିକାକାର୍ଯ୍ୟ କରିଥିବା ଅନ୍ୟ ୩ ଜଣଙ୍କୁ ପକ୍ଷ କରାଯାଇ ଏହି ମାମଲା ଦାଏର ହୋଇଥିଲା। କୋର୍ଟ ୟୁଓ ନଂ.୩୯ ଧାରା ୧, ୨, ୩ ସି.ପି.ସି ଆଦେଶ ମୁତାବକ ତ୍ୱରିତ କାର୍ଯ୍ୟବନ୍ଦ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଏହି ଜମି ପାଖରେ ଜମା ହୋଇଥିବା ନିର୍ମାଣ ସାମଗ୍ରୀ ଉଠାଇ ନେଇ ଠିକାଦାର ଅନ୍ୟବାଟେ ରାସ୍ତା ନେବାକୁ ବାଧ୍ୟ ହୋଇଥିଲେ।

### ଦୋକାନ ପୋଡ଼ିକୁ ନେଇ ଉତ୍ତେଜନା

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ବିକ୍ଷୋଭ

**କୁଜଙ୍ଗ, ୧୫।୭(ସ୍ୱ.ପ୍ର.)**

କୁଜଙ୍ଗ ବ୍ଲକ ତାଳଦଣ୍ଡା ବଜାରରେ ରବିବାର ବିଳମ୍ବିତ ରାତିରେ ଏକ କ୍ୟାବିନକୁ କେତେଜଣ ଲୋକ ପୋଡ଼ିଦେଇଥିବା ସୋମବାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, କ୍ୟାବିନ ମାଲିକ ରମେଶ ମହାନ୍ତିଙ୍କ ସହ ସିଗାରେଟ୍‌କୁ ନେଇ ସ୍ଥାନୀୟ ଜିଲାନାସୀ ପଞ୍ଚାୟତ ସାହାରାଡ଼ିଆ ଗ୍ରାମର ୨ଜଣ ଯୁବକ ଝଗଡା କରିଥିଲେ। ଏଥିସହ ଦୋକାନକୁ ପୋଡ଼ିଦେବାକୁ ଧମକ ଦେଇଥିଲେ। ରାତିରେ ଦୋକାନ ପୋଡ଼ିଯାଇଥିବାରୁ ରମେଶ ସମ୍ପୃକ୍ତ ୨ ଯୁବକଙ୍କ ନାମରେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ତୁରନ୍ତ ସେମାନଙ୍କୁ ଗିରଫ କରିବା ଦାବିରେ ବ୍ୟବସାୟୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସୂଚନା ଅନୁଯାୟୀ, ରମେଶ ଉକ୍ତ କ୍ୟାବିନରେ ପାନ ଦୋକାନ ଦେଇଥିଲେ। ରବିବାର ମଧ୍ୟାହ୍ନରେ ସାହାରାଡ଼ିଆ ଗ୍ରାମର ବିଜୟାନନ୍ଦ ମଲିକ ଓ ଶ୍ରୀତମ ବେହେରା ଆସି ତାଙ୍କୁ ସିଗାରେଟ୍ ମାଗିଥିଲେ। ଦୋକାନରେ ସିଗାରେଟ ନ ଥିବାରୁ ସେ ମନା କରିଥିଲେ। ଫଳରେ ଯୁବକ ଦ୍ୱୟ ତାଙ୍କୁ ଗାଳିଗୁଲଜ କରିଥିଲେ। ପୁଣି ଅପରାହ୍ନ ୪ଟାରେ ଆସି ପାଟିତୁଣ୍ଡ କରିବା ସହ ମାଡ଼ ମାରିଥିଲେ। ରାତି ୨ଟା ସେମାନେ ଅନ୍ୟ କେତେଜଣଙ୍କ ସହ ଆସି ତାଙ୍କ ଦୋକାନ ପୋଡିଦେଇଥିବା ରମେଶ ଅଭିଯୋଗ କରିଛନ୍ତି। ଦୋକାନରେ ପ୍ରାୟ ୨୫ ହଜାର ଟଙ୍କାର ସାମଗ୍ରୀ ଥିଲା। କ୍ୟାବିନର ମୂଲ୍ୟ ୩୦ ହଜାର ଟଙ୍କା ହେବ। ତେଣୁ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ସହ ତାଳଦଣ୍ଡାରେ ଘନ ଘନ ଚୋରି ହେଉଥିବାରୁ ଏହାର ପ୍ରତିକାର ପାଇଁ ସ୍ଥାନୀୟ ବ୍ୟବସାୟୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ଦିଲ୍ଲୀପ କୁମାର ସାହୁ କହିଛନ୍ତି।

### ପ୍ରଧାନମନ୍ତ୍ରୀ ଜନଔଷଧୀ କେନ୍ଦ୍ର ଉଦ୍‌ଘାଟିତ

**ରାହାମା, ୧୫।୭(ଡି.ଏନ୍.ଏ)**

ଗରିବ ଲୋକମାନଙ୍କୁ ରିହାତି ମୂଲ୍ୟରେ ଔଷଧ ଯୋଗାଇଦେବା ପାଇଁ ପ୍ରଧାନ ମନ୍ତ୍ରୀ ଜନ ଔଷଧୀ କେନ୍ଦ୍ର ରହିଛି। ଏହାର ଏକ ଶାଖା ରାହାମାରେ ଖୋଲଯାଇଛି। ଏହାକୁ ପୂର୍ବତନ ଏମ୍‌ପି ଡା. କୁଳମଣି ସାମଲ ଉଦ୍‌ଘାଟନ କରିଛନ୍ତି। ଏହି କେନ୍ଦ୍ରର ଓଡିଶା ମୁଖ୍ୟ ଓମ୍ ପ୍ରକାଶ ବର୍ମା ଏହାର ଉଦ୍ଦେଶ୍ୟ ତଥା ଆବଶ୍ୟକତା ବିଷୟରେ ଆଲୋଚନା କରିଥିଲେ। ଶିକ୍ଷାବିତ୍ ଅରୁଣ କୁମାର ପାଣି, ଅଜୟ କୁମାର ସାହୁ, ସରୋଜ କୁମାର ସେଠୀ, ମୌମେନ୍ଦ୍ର ପରିଡା ଉପସ୍ଥିତ ଥିଲେ। କେନ୍ଦ୍ରର ପରିଚାଳକ ରତ୍ନାକର କୁଅଁର ସଭା ପରିଚାଳନା କରିଥିଲେ। ଶିକ୍ଷକ ଅଜୟ ଲେଙ୍କା ଧନ୍ୟବାଦ ଦେଇଥିଲେ।



### ପାରାଦୀପରେ ପ୍ରତିଷ୍ଠା ହେବ ଓଡ଼ିଶାର ପ୍ରଥମ ଅଲବଣୀକରଣ କାରଖାନା

# ସମୁଦ୍ର ଜଳରୁ ସଂଗ୍ରହ ହେବ ମଧୁରଜଳ



ଚୁକ୍ତି ସ୍ୱାକ୍ଷର ବେଳେ ଉପସ୍ଥିତ ପାରାଦୀପ ବନ୍ଦର ଓ ଏନ୍‌ଆଇଓଟିର ଅଧିକାରୀମାନେ।

**ପାରାଦୀପ, ୧୫।୭ (ସ୍ୱ.ପ୍ର.)**

- ପାରାଦୀପ ବନ୍ଦର ଓ ଏନଆଇଓଟି ମଧ୍ୟରେ ଚୁକ୍ତି ସାକ୍ଷର
- ବ୍ୟୟ ହେବ ୧୧୬ କୋଟି ଟଙ୍କା
- ଦୈନିକ ସଂଗ୍ରହ ହେବ ୧୦ ନିୟୁତ ଲିଟର ପାଣି

ବିଶ୍ୱରେ ଜନସଂଖ୍ୟା ବୃଦ୍ଧି ସହ ପାନୀୟଜଳର ଅଭାବ ଚିନ୍ତାର ବିଷୟ ହେଲାଣି। ଏଥିପାଇଁ ପାଣିକୁ ନେଇ ରାଜ୍ୟ-ରାଜ୍ୟ ଓ ଦେଶ-ଦେଶ ମଧ୍ୟରେ ବିବାଦ ସୃଷ୍ଟି ହେଉଛି। ଶିଳ୍ପ ସମୃଦ୍ଧ ପାରାଦୀପରେ ମଧ ପାନୀୟଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଏହାର ସମାଧାନ ନିମନ୍ତେ ପାରାଦୀପ ବନ୍ଦର ନୂଆ ପଦକ୍ଷେପ ନେବାକୁଯାଉଛି। ସମୁଦ୍ରର ଲୁଣିପାଣିକୁ ଅଲବଣୀକରଣ କାରଖାନା ମାଧ୍ୟମରେ ଶୋଧନ କରି ମଧୁର ଜଳ ବାହାର କରାଯିବ। ଏହି ପ୍ରକଳ୍ପ ଓଡ଼ିଶାର ପ୍ରଥମ ବୋଲି କୁହାଯାଉଛି। ଏନେଇ ସୋମବାର ସନ୍ଧ୍ୟାରେ ପାରାଦୀପ ବନ୍ଦର ଓ ଏନଆଇଓଟି (ନ୍ୟାଶନାଲ ଇଷ୍ଟିଚ୍ୟୁଟ୍ ଅଫ୍ ଓସେନ ଟେକ୍ନୋଲୋଜି) ମଧ୍ୟରେ ଚୁକ୍ତିପତ୍ର ସ୍ୱାକ୍ଷର ହୋଇଛି। ଏନ୍‌ଆଇଓଟି ହେଉଛି କେନ୍ଦ୍ର ସରକାରଙ୍କ ଭୂତଳ ବିଜ୍ଞାନ ଅଧୀନ ସ୍ୱିକୃତିପ୍ରାପ୍ତ ସଂସ୍ଥା। ପାରାଦୀପ ବନ୍ଦର ମୁଖ୍ୟଯନ୍ତ୍ରୀ କେ. ରାମଚନ୍ଦ୍ର ରାଓ, ଏନଆଇଓଟିର ପ୍ରକଳ୍ପ ନିର୍ଦ୍ଦେଶକ ଏମ୍.ଭି. ରାମଣାମୂର୍ତ୍ତି ଏହି ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଏ ସମ୍ପର୍କରେ ଦୁଇ ସଂସ୍ଥା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ପ୍ରକଳ୍ପ ପାଇଁ ୧୧୬ କୋଟି ଟଙ୍କା ପାରାଦୀପ ବନ୍ଦର ଖର୍ଚ୍ଚ କରିବ। ଏଥିପାଇଁ ଆବଶ୍ୟକ ୩ରୁ ୪ ଏକର ଜାଗା ମଧ ଯୋଗାଇଦେବ। ଉକ୍ତ ପ୍ରକଳ୍ପରୁ ଦୈନିକ ୧୦ ଏମ୍‌ଏଲ୍‌ଡି ମଧୁର ଜଳ ସଂଗ୍ରହ ହେବ। ଏହାକୁ ଖରାଦିନେ ସାଧାରଣ ଲୋକଙ୍କ ସହ ଜାହାଜକୁ ମଧ ଯୋଗାଇ ଦିଆଯିବ। ଏନେଇ ଚଳିତବର୍ଷ ଶେଷ ସୁଦ୍ଧା ଟେଣ୍ଡର ପ୍ରକ୍ରିୟା ଶେଷ ହେବ। ପ୍ରକଳ୍ପ ପାଇଁ ୨ରୁ ୩ ବର୍ଷ ଲାଗିବ। ଏହି ଚୁକ୍ତିପତ୍ର ସ୍ୱାକ୍ଷରବେଳେ ସର୍ବୋଚ୍ଚ ଯନ୍ତ୍ରୀ ପି.କେ.ବିନ୍ଧାଣୀ, ପରାମର୍ଶଦାତା ଜିତ୍‌ଶତ୍ରୁ ମହାନ୍ତି, ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀ ବିନାୟକ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ୩ ଆନ୍ତଃ ରାଜ୍ୟ ଲୁଟେରା ଗିରଫ

**ରାହାମା, ୧୫।୭(ଡି.ଏନ୍.ଏ.)**



ଲୋକମାନେ ଅଭିଯୁକ୍ତଙ୍କୁ କାବୁ କରି ନେଉଛନ୍ତି।

ରାହାମା ବଜାରରୁ ସୋମବାର ପୂର୍ବାହ୍ନରେ ଜିଲା ପୋଲିସର ଏକ ସ୍ୱତନ୍ତ୍ର ସ୍କ୍ୱାର୍ଡ ୩ ଜଣ ଆନ୍ତଃରାଜ୍ୟ ଲୁଟେରାଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ସେମାନେ ଜିଲାର ବିଭିନ୍ନ ସ୍ଥାନରୁ ଲୁଟ୍ କରି ଫେରାର ଥିଲେ। ପୂର୍ବାହ୍ନ ୧୧ଟାରେ ରାହାମା ଷ୍ଟେଟ ବ୍ୟାଙ୍କ ସାମ୍ନାରେ ସାଦା ପୋଷାକରେ ଥିବା ଜଣେ ପୋଲିସ କର୍ମଚାରୀ ଜଣେ ଲୁଟେରାଙ୍କୁ କାବୁ କରିନେଇଥିଲେ। ଅନ୍ୟ ୨ ଲୁଟେରା ସେଠାରୁ ପଳାଇବାକୁ ଚେଷ୍ଟା କରିବା ବେଳେ ସାଧାରଣ ଲୋକଙ୍କ ହାତରେ ଧରାପଡିଥିଲେ। ସେମାନଙ୍କ ଘର କୋଦଳା ଅଞ୍ଚଳରେ ବୋଲି ଜଣାପଡିଛି। ତିର୍ତ୍ତୋଲ ଥାନାରେ ରଖି ପୋଲିସ ସେମାନଙ୍କୁ ପଚରାଉଚରା କରୁଛି। କିଛିଦିନ ତଳେ ଏରସମାରେ ହୋଇଥିବା ଲୁଟ୍ ଘଟଣାରେ ଏମାନଙ୍କ ହାତ ଥିବା ସନ୍ଦେହ କରାଯାଉଛି। ସେମାନଙ୍କ ପାଖରୁ ଏକ ଦେଶୀ ପିସ୍ତଲ ମିଳିଛି ବୋଲି ଜଣାପଡିଛି। ୨ଟି ବାଇକରେ ୪ ଜଣ ଆସି ଏଠାରେ ଲୁଟ୍ ଯୋଜନା କରୁଥିବା କୁହାଯାଉଛି। ତେବେ ପୋଲିସ ୩ ଜଣଙ୍କୁ କାବୁ କରିଥିବାବେଳେ ଜଣେ ଫେରାର ହୋଇଯାଇଛି।

# ପୋଲିସକୁ ଆକ୍ରମଣ ଘଟଣାରେ ଆଉ ଜଣେ କୋର୍ଟ ଚାଲାଣ

**ବାଲିକୁଦା, ୧୫।୭(ସ୍ୱ.ପ୍ର.)**

ଖମ୍ବାକୁଳ ନୃସିଂହନାଥ ମଠ ବାହୁଡ଼ା ଯାତ୍ରାରେ ବିଭ୍ରାଟ ସୃଷ୍ଟିକରିବା ଓ ପୋଲିସକୁ ଆକ୍ରମଣ କରିବା ଅଭିଯୋଗରେ ଆଉ ଜଣଙ୍କୁ କୋର୍ଟଚାଲାଣ କରାଯାଇଛି। ସେ ହେଲେ ସ୍ଥାନୀୟ ଗୋପାଳପୁର ଗାଁର ମିଟୁ ଓରଫ୍ ଦେବାଶିଷ ମହାପାତ୍ର(୪୦)। ମିଟୁ ନୃସିଂହନାଥଙ୍କ ବାହୁଡା ଯାତ୍ରାରେ ବିଭ୍ରାଟ କରିବା ସହ ବିଶୃଙ୍ଖଳା ସୃଷ୍ଟି କରିଥିଲେ। ଏଥିସହ ପୋଲିସକୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ତାଙ୍କର ବାଲିକୁଦା ବଜାର ଉପରେ ଏକ ଗାଡି ସ୍ପେୟାର ପାର୍ଟସ୍ ଦୋକାନ ଅଛି। ସୋମବାର ସକାଳ ୧୦ ଟା ୧୫ ମିନିଟ୍‌ରେ ସେ ଦୋକାନ ପାଖରେ ଛିଡା ହୋଇଥିବାବେଳେ ବାଲିକୁଦା ଓ ଜଗତ୍‌ସିଂହପୁର ପୋଲିସ ମିଳିତ ଭାବେ ତାଙ୍କୁ କାବୁ କରିଥିଲେ। ମିଟୁ ନୃସିଂହନାଥ ମଠର ମହନ୍ତଙ୍କ ବିରୋଧୀ ଗୋଷ୍ଠୀର ନେତୃତ୍ୱ ନେଉଥିଲେ ବୋଲି ପୋଲିସ କହିଛି। ଗତ ୪ ବର୍ଷ ଧରି ଏଠାରେ ମଠ ମହନ୍ତଙ୍କୁ ନେଇ ବିବାଦ ଲାଗି ରହିଥିବା ବେଳେ ମହନ୍ତ ବିଶ୍ୱଜିତ୍ ଦାସ ଉଚ୍ଚ ନ୍ୟାୟଳୟର ଦ୍ୱାରସ୍ଥ ହୋଇଥିଲେ।

# ଭଡ଼ାରେ ଲାଗିଛି ରାଜୀବ ସେବାକେନ୍ଦ୍ର

**ନାଉଗାଁ, ୧୫।୭(ସ୍ୱ.ପ୍ର.)**

ପଞ୍ଚାୟତସ୍ତରରେ ଏମ୍‌ଜିଏନ୍‌ଆରଇଜିଏସ୍‌ର ସଫଳ ରୂପାୟନ, ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟକାରିତା, ଲୋକଙ୍କୁ ଇଣ୍ଟରନେଟ୍ ମାଧ୍ୟମରେ ବିଭିନ୍ନ ସେବା ଯୋଗାଇବା, ବିଭିନ୍ନ ତାଲିମ ଓ ବୈଠକ ପାଇଁ ପ୍ରତି ପଞ୍ଚାୟତରେ ନିର୍ମାଣ ହୋଇଛି ରାଜୀବ ଗାନ୍ଧୀ ସେବାକେନ୍ଦ୍ର। ପଞ୍ଚାୟତ ପ୍ରତିନିଧିଙ୍କ ଉପରେ ଏହାର ଦାୟିତ୍ୱ ନ୍ୟସ୍ତ କରାଯାଇଛି। ନାଉଗାଁ ବ୍ଲକ ଅଧୀନ ୧୬ ପଞ୍ଚାୟତରେ ଏହି କେନ୍ଦ୍ର ରହିଛି। ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଏହି ଗୃହ କେଉଁଠି ତାଲା ପଡିରହିଛି ତ ଆଉ କେଉଁଠି ଭଡ଼ାରେ ଲାଗିଥିବା ଦେଖିବାକୁ ମିଳୁଛି। ବାଂଶ ପଞ୍ଚାୟତରେ ଥିବା ରାଜୀବ ସେବାକେନ୍ଦ୍ର ଦୀର୍ଘଦିନ ହେଲା ଭଡ଼ାରେ ଲାଗିଥିବା ଦେଖିବାକୁ ମିଳୁଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହାକୁ କିଏ ଭଡ଼ାରେ ଦେଇଛି ଓ କେତେଟଙ୍କା ଭଡ଼ାରେ ଦିଆଯାଇଛି ତାହା କେହି କହିପାରୁନାହାନ୍ତି। ଏକ ନାଚ ପାର୍ଟିର କେତେଜଣ ଲୋକ ଏଠାରେ ଭଡ଼ାରେ ରହୁଛନ୍ତି। ଉକ୍ତ ଗୃହ ଭଡ଼ାରେ ଦେବା ପାଇଁ ସରକାରଙ୍କ କିଛି ନିୟମ ରହିଛି ନା ପଞ୍ଚାୟତ ପ୍ରତିନିଧି ମନଇଚ୍ଛା ଭଡାରେ ଦେଇଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଭଡ଼ା ସୂତ୍ରରେ ଆସୁଥିବା ଟଙ୍କା କ'ଣ ହେଉଛି ତାହା ମଧ ଜଣାପଡୁନାହିଁ। ଏହାର ଉପଯୁକ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରବାକୁ ଦାବି ହୋଇଛି। ଏ ସମ୍ପର୍କରେ ସରପଞ୍ଚଙ୍କ କୌଣସି ମତାମତ ମିଳିପାରିନାହିଁ। ତେବେ ପଞ୍ଚାୟତ ନିର୍ବାହୀ ଅଧିକାରୀ ସୀତାଂଶୁ ବିଶ୍ୱାଳଙ୍କୁ ପଚାରିବାରେ ସେ କହିଲେ ଯେ, ଏ ବିଷୟରେ ବିଡିଓଙ୍କୁ ଅବଗତ କରାଯାଇଥିଲା। ବିଡିଓ ଉକ୍ତ କେନ୍ଦ୍ରକୁ ଖାଲି କରି ତାଲା ପକାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ତାଲା ପକାଇବା ପାଇଁ ସରପଞ୍ଚଙ୍କୁ ମଧ କୁହାଯାଇଛି।



ବାଂଶ ପଞ୍ଚାୟତରେ ଥିବା ରାଜୀବ ସେବାକେନ୍ଦ୍ର।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ନିଜକୁ ସମାଲୋଚନା କରିବାର କଳା ଯେ ଶିଖିଛି, ସେ ଉନ୍ନତି ପଥରେ ନିଶ୍ଚୟ ଆଗେଇ ଯାଇଛି।

- ଫ୍ରାଙ୍କଲିନ୍

## ସଂକ୍ଷେପରେ

### ଡମ୍ପର-ବାଇକ୍ ମୁହାଁମୁହିଁ, ବାଇକ୍ ଆରୋହୀ ମୃତ

**କୋରେଇ,୧୫।୭(ସ୍ୱ.ପ୍ର.):** କୋରେଇ ଥାନା ଅନ୍ତର୍ଗତ ୨୦ ନଂ. ଜାତୀୟ ରାଜପଥ ପାଣିକୋଇଲି ଯାଜପୁରରୋଡ ରାସ୍ତାର ଅଢେଇବାଟିଆ ଛକ ନିକଟରେ ସୋମବାର ପୂର୍ବାହ୍ନରେ ଟ୍ରକ୍-ବାଇକ୍ ମୁହାଁମୁହିଁ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ କଟକ ବୟାଳିଶ ମୌଜାର ଚିଣ୍ଟୁ ମହାନ୍ତି (୨୬)। ଚିଣ୍ଟୁ ଏକ ସିମେଣ୍ଟ କମ୍ପାନୀରେ କାର୍ଯ୍ୟ କରନ୍ତି। ସେ କାମ ସାରି ବାଇକରେ ଘରକୁ ଫେରୁଥିଲେ। ଅଢ଼େଇବାଟିଆ ଛକ ନିକଟରେ ଏକ ସିମେଣ୍ଟ ବୋଝେଇ ଡମ୍ପର ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟଲୋକେ ଉଦ୍ଧାର କରି ଯାଜପୁରରୋଡ କ୍ଷେତ୍ରୀୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ କଟକ ପଠାଯାଇଥିଲା। ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରିଥିଲା। ଡମ୍ପର ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିବାବେଳେ ପୋଲିସ ହେଲପରଙ୍କୁ ଅଟକ ରଖିଛି।

### କ୍ରୋମାଇଟ୍ ଲୋଡିଂରେ ଟୋକନ ବ୍ୟବସ୍ଥାକୁ ବିରୋଧ

**କାଳିଆପାଣି,୧୫।୭(ଡି.ଏନ୍.ଏ.):** ସୁକିନ୍ଦା ଖଣି ଅଞ୍ଚଳରେ କ୍ରୋମାଇଟ ପରିବହନ କ୍ଷେତ୍ରରେ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ବ୍ୟବସ୍ଥାକୁ କଡ଼ାକଡି ପାଳନ କରାଯାଉ ନାହିଁ। ଏହାକୁ ନେଇ ସୋମବାର ଯାଜପୁର, ଚଣ୍ଡିଖୋଲ ଓ କୁହିକା ଟ୍ରକ୍ ମାଲିକ ସଂଘ ଜିଲାପାଳ ଓ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛି। ଏଥିସହ ସଂଘ ପକ୍ଷରୁ ଆଗାମୀ ଶୁକ୍ରବାର ଖଣି ଗେଟ୍ ସମ୍ମୁଖରେ ଧାଡିକରି ଟ୍ରକ୍ ଲୋଡିଂ କରାଯିବ ବୋଲି କୁହିକା ମାଲିକ ସଂଘ ସମ୍ପାଦକ ଅରୁଣ କୁମାର ପରିଡ଼ା କହିଛନ୍ତି। ଖଣି ଅଞ୍ଚଳରେ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ବ୍ୟବସ୍ଥା ଲାଗୁ କରିବା ନେଇ ୨୦୦୯ରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ୨୦୧୬ଠାରୁ କେବଳ ୬ ଚକିଆ ଟ୍ରକ୍ କ୍ଷେତ୍ରରେ ଫାଷ୍ଟକମ୍ ପାଷ୍ଟ ଲୋଡିଂ ବ୍ୟବସ୍ଥା ଲାଗୁ କରାଯାଇଥିଲା। କିନ୍ତୁ ୧୦,୧୨ ଓ ୧୪ ଚକିଆ ଗାଡିଗୁଡିକୁ ନିର୍ଦ୍ଦିଷ୍ଟ ଭାବେ ମିନୋରାଲ ଟ୍ରକ୍ ମାଲିକ ସଂଘ ମାଧମରେ କ୍ରୋମ ପରିବହନ କରାଯାଉଛି। ଏହାକୁ ନେଇ ଅନ୍ୟ ଟ୍ରକ୍ ମାଲିକ ସଂଘ ପକ୍ଷରୁ କୋର୍ଟରେ ଏକ ମାମଲା ରୁଜୁ କରାଯାଇଛି। ଅପରପକ୍ଷେ ୨୦୦୩ରୁ ଜିଲା ପ୍ରଶାସନ ବେଆଇନ ଘୋଷଣା କରିଥିବା ଟୋକନ ବ୍ୟବସ୍ଥାକୁ ପୁର୍ନବାର ଲାଗୁ କରାଯାଇଛି। ଏହାକୁ ବିରୋଧକରି ଗତ ମଙ୍ଗଳବାରଠାରୁ ଯାଜପୁର, ଚଣ୍ଡିଖୋଲ, କବାଟବନ୍ଧ, ଟମକା, କୁହିକା, ସୁକିନ୍ଦା, କାଳିଆପାଣି ଅଞ୍ଚଳର ଶତାଧିକ ଟ୍ରକ୍ ମାଲିକ କ୍ରୋମ ଲୋଡିଂ ପାଇଁ ଗାଡିକୁ ପଠାଉ ନାହାଁନ୍ତି। ମିନୋରାଲ ଟ୍ରକ୍ ମାଲିକ ସଂଘ ପରି ସେମାନେ ମଧ ଜିଲାପାଳଙ୍କ ନିକଟରେ ଏକ ପଞ୍ଜିକୃତ କରି କ୍ରୋମ ପରିବହନରେ ଗାଡି ନିୟୋଜିତ କରିଛନ୍ତି। ତେଣୁ ସେମାନେ ମିନୋରଲ ଟ୍ରକ୍ ମାଲିକ ସଂଘ ପ୍ରଦାନ କରୁଥିବା ପରିଚୟ ପତ୍ର ଅର୍ଥାତ ଟୋକନ ଗ୍ରହଣ କରିବେ ନାହିଁ ବୋଲି କହିଛନ୍ତି।

## ■ଆଧାର ସଂଯୋଗୀକରଣ ନୈରାଶ୍ୟଜନକ

# ଶୁଣୁନାହାନ୍ତି ବେସରକାରୀ, ମାଧ୍ୟମିକ ସ୍କୁଲ କର୍ତ୍ତୃପକ୍ଷ

**ଯାଜପୁର ଅଫିସ,୧୫।୭**

ଯାଜପୁର ଜିଲାର ମାଧ୍ୟମିକ ଓ ବେସରକାରୀ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଆଧାର ସଂଯୋଗ ନୈରାଶ୍ୟଜନକ ହୋଇଛି । ଜିଲାର ସମସ୍ତ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଆଧାର ସଂଯୋଗ ୬୧ ପ୍ରତିଶତ ରହିଥିବାବେଳେ ମାଧ୍ୟମିକ ବିଦ୍ୟାୟର ୯.୪ ପ୍ରତିଶତ ଓ ବେସରକାରୀ ବିଦ୍ୟାଳୟର ୩୫.୨ ପ୍ରତିଶତ ରହିଛି। ବିଶେଷ କରି କୋରେଇ, ସୁକିନ୍ଦା, ବିଞ୍ଝାରପୁର ବ୍ଲକ ସମେତ ବ୍ୟାସନଗର ପୌରାଞ୍ଚଳରେ ଥିବା ମାଧ୍ୟମିକ ବିଦ୍ୟାଳୟର ଆଧାର ସଂଯୋଗ ଅଗ୍ରଗତି ୪ପ୍ରତିଶତ ବି ଛୁଇଁପାରି ନାହିଁ। ଅନୁରୂପ ଭାବେ ଯାଜପୁର ପୌରାଞ୍ଚଳ ସମେତ ବିଞ୍ଝାରପୁର ଓ ସୁକିନ୍ଦା ବ୍ଲକରେ ଥିବା ବେସରକାରୀ ବିଦ୍ୟାଳୟର ଆଧାର ସଂଯୋଗ ୫ ପ୍ରତିଶତ ମଧ୍ୟରେ ରହିଛି। ଯାଜପୁର ଜିଲାର ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ପିଲାଙ୍କ ଆଧାର ସଂଯୋଗ କରିବାକୁ ପ୍ରାୟ ୩ବର୍ଷ ହେବ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ଓଡ଼ିଶା ପ୍ରାଥମିକ ଶିକ୍ଷା ପରିଷଦ(ଓପେପା) ପକ୍ଷରୁ ବାରମ୍ବାର ଜିଲା ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। କିନ୍ତୁ ବେସରକାରୀ ଓ ମାଧ୍ୟମିକ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅସହଯୋଗ କାରଣରୁ ଯାଜପୁର ଜିଲାର ଆଧାର ସଂଯୋଗ ନବୀକରଣ ନୈରାଶ୍ୟଜନକ ହୋଇଛି। ଜିଲାରେ ୩୧୨ଟି ବେସରକାରୀ ବିଦ୍ୟାଳୟରେ ୨୦୧୮-୧୯ ବର୍ଷରେ ୫୨୫୫୩ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେଥିରୁ ୨୦୭୩୩ ଜଣ ପିଲାଙ୍କ ଆଧାର ଷ୍ଟୁଡେଣ୍ଟ ଡାଟା ମ୍ୟାନେଜମେଣ୍ଟ ଇନଫରମେଶନ ସିଷ୍ଟମ (ଏସଡିଏମ୍ଆଇଏସ୍)ରେ ସଂଯୋଗ ହୋଇପାରିଛି । ଏଥିରେ ପ୍ରଥମ ଶ୍ରେଣୀରେ ନୂତନ ଭାବେ ୩୧୮୬ ଜଣଙ୍କର ସଂଯୋଗ ହୋଇଥିବାବେଳେ ୨ୟରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୪୧୩ ଜଣଙ୍କର ସଂଯୋଗ ହୋଇଛି । ତେବେ ସୁକିନ୍ଦା ବ୍ଲକର ବେସରକାରୀ ସ୍କୁଲରେ

■ବ୍ୟାସନଗର, ଯାଜପୁର ସହରର ସ୍କୁଲ ବି ବହୁ ପଛରେ

■୪ପ୍ରତିଶତ ବି ଛୁଇଁପାରିନି ଆଧାର ସଂଯୋଗ ଅଗ୍ରଗତି

୧.୭୬ ପ୍ରତିଶତ, ଯାଜପୁର ପୌରାଞ୍ଚଳର ବେସରକାରୀ ସ୍କୁଲରେ ୦.୯୨ ପ୍ରତିଶତ ଓ ବିଞ୍ଝାରପୁର ବ୍ଲକର ବେସରକାରୀ ସ୍କୁଲରେ ୫.୯୦ ପ୍ରତିଶତ ସର୍ବନିମ୍ନ ରହିଛି । ଯାଜପୁର ପୌରାଞ୍ଚଳରେ ୧୬ଟି ବେସରକାରୀ ସ୍କୁଲରେ ୩୭୦୫ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ସେଥିରୁ ଜୁଲାଇ ୮ ସୁଦ୍ଧା ମାତ୍ର ୩୪ଜଣ ପିଲାଙ୍କ ଆଧାର ସଂଯୋଗ ହୋଇପାରିଛି। ଯାଜପୁର ଭଳି ସହରରେ ଏଭଳି ନୈରାଶ୍ୟଜନକ ପ୍ରଦର୍ଶନ ଶିକ୍ଷାପ୍ରେମୀଙ୍କୁ ବିଚଳିତ କରିଛି। ଜିଲାରେ ୪୫୩ ମାଧ୍ୟମିକ ସ୍କୁଲରେ ୮୩୯୦୦ ପିଲା ପାଠ ପଢୁଛନ୍ତି । ସେଥିରୁ ମାତ୍ର ୮୭୩୪ ଜଣ ଛାତ୍ରୀଛାତ୍ର(୯.୪ ପ୍ରତିଶତ)ଙ୍କ ଆଧାର ସଂଯୋଗ ହୋଇଛି। ଏଥିରେ ବ୍ୟାସନଗର ପୌରାଞ୍ଚଳର ୮ଟି ସ୍କୁଲରେ ୩.୨୭ ପ୍ରତିଶତ, ସୁକିନ୍ଦାର ୨୬ଟି ସ୍କୁଲରେ ୦.୯୪, କୋରେଇ ବ୍ଲକର ୩୯ଟି ସ୍କୁଲରେ ୦.୦୧, ଧର୍ମଶାଳାର ୫୪ଟି ସ୍କୁଲରେ ୩.୨୯, ବିଞ୍ଝାରପୁରର ୪୮ ସ୍କୁଲରେ ୨.୫୦, ଯାଜପୁର ପୌରାଞ୍ଚଳର ୭ଟି ସ୍କୁଲରେ ୮.୫୭, ବଡଚଣା ବ୍ଲକର ୬୦ ସ୍କୁଲରେ ୯.୮୩ ପ୍ରତିଶତ ସଂଯୋଗ କରି ଦୁଇ ଅଙ୍କରେ ବି ପହଞ୍ଚି ପାରିନାହାନ୍ତି। ଏଭଳି ନୈରାଶ୍ୟଜନକ ଅଗ୍ରଗତି ଉପରେ ସର୍ବଶିକ୍ଷା ଅଭିଯାନ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଆସୁଛି। ସମୟସୀମା ମଧ୍ୟରେ ଧାର୍ଯ୍ୟଲକ୍ଷ୍ୟ ପୂରଣ ହୋଇ ନ ପାରିଲେ ସାରା ଜିଲା ପାଇଁ ଲଜ୍ଜାର ବିଷୟ ହେବ ବୋଲି ପୂର୍ବରୁ ବ୍ଲକ ଶିକ୍ଷାଧିକାରୀଙ୍କୁ ତାଗିଦ କରାଯାଇଥିଲା । ହେଲେ ସ୍କୁଲ କର୍ତ୍ତୃପକ୍ଷ ଏହି ତାଗିଦକୁ ଫୁଁ କରି ଉଡାଇ ଦେଇଛନ୍ତି। ତେବେ କେଉଁ କାରଣରୁ ଆଧାର ସଂଯୋଗ ହୋଇ ପାରୁନାହିଁ, ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୨୦୧୮ ଫେବୃୟାରୀରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ବେସରକାରୀ ସ୍କୁଲର ୧୦୦ ପ୍ରତିଶତ ଆଧାର ସଂଯୋଗୀକରଣ ଏବଂ ନବୀକରଣ ହୋଇ ନ ଥିଲେ ସମ୍ପୃକ୍ତ ସ୍କୁଲର ଅନୁମତି ବାତିଲ ଓ ପରବର୍ତ୍ତି ଅନୁମତି ନ ଦେବାକୁ ଓପେପା ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଥିଲା। ତଥାପି ଜିଲାର ଅଧିକାଂଶ ବେସରକାରୀ ସ୍କୁଲ ଆଧାର ସଂଯୋଗ ଉପରେ ଗୁରୁତ୍ୱ ନ ଦେଇ ଜିଲା ଶିକ୍ଷା ବିଭାଗର ନିର୍ଦ୍ଦେଶକୁ ଉଲ୍ଲଂଘନ କରିଛନ୍ତି । ଏ ସଂକ୍ରାନ୍ତରେ ଜିଲା ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକ ବିଷ୍ଣୁଚରଣ ସୂତାର ଏସ୍‌ଡିଏମ୍ଆଇଏସ୍‌ରେ ଆଧାର ନବୀକରଣ ସମ୍ପର୍କରେ ଜିଲା ଶିକ୍ଷାଧିକାରୀଙ୍କୁ ସୂଚିତ କରିଛନ୍ତି। ଏଥିପାଇଁ ଆବଶ୍ୟକ ସମସ୍ତ ବୈଷୟିକ ସହଯୋଗ ଯୋଗାଇ ଦେବାକୁ ମାଧ୍ୟମିକ ଓ ବେସରକାରୀ ସ୍କୁଲ କର୍ତ୍ତୃପକ୍ଷଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

## ଦୁର୍ଘଟଣାରେ ଗୃହରକ୍ଷୀ ଗୁରୁତର

**ରସୁଲପୁର,୧୫।୭(ଡିଏନଏ)**

ରସୁଲପୁର ବ୍ଲକ ୧୬ନଂ ଜାତୀୟ ରାଜପଥ ଉପରେ ସୋମବାର ସକାଳେ ଏକ ଦୁର୍ଘଟଣା ଘଟି ପ୍ରତାପ ମଳିକ ନାମକ ଗୃହରକ୍ଷୀ ଗୁରୁତର ହୋଇଛନ୍ତି । ପ୍ରତାପଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯିବା ପରେ ଅବସ୍ଥା ଗୁରୁତର ଥିବାରୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି।

ପ୍ରକାଶ ଯେ, କୁଆଖିଆ ଥାନାରେ ଗୃହରକ୍ଷୀ ଭାବେ କାର୍ଯ୍ୟ କରୁଥିବା ଜଗନ୍ନାଥପୁର ଗ୍ରାମର ପ୍ରତାପ ରାସ୍ତା କଡ଼ରେ ଛିଡ଼ା ହୋଇଥିଲେ। କଟକ ଆଡକୁ ଯାଉଥିବା ଏକ ଅଜଣା ଗାଡି ତାଙ୍କୁ ଧକ୍କାଦେଇ ପଳାଇ ଯାଇଥିଲା । ଫଳରେ ଘଟଣାସ୍ଥଳରେ ଗୃହରକ୍ଷୀ ଗୁରୁତର ହୋଇ ପଡିଥିଲେ । ସ୍ଥାନୀୟ ଲୋକେ ଏକ ଅଟୋ ସହାୟତାରେ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ରିପୋର୍ଟ ଲେଖାହେବା ବେଳକୁ ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାପଡିଛି।

## ୮୯ ଅଭିଯୋଗର ତତ୍କାଳ ସମାଧାନ



ଜନଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀ।

**ଦଶରଥପୁର,୧୫।୭(ଡି.ଏନ.ଏ.)**

**ଜିଲାପାଳଙ୍କ ଜନଶୁଣାଣି ଶିବିର**

ଦଶରଥପୁର ବ୍ଲକ୍‌ର ସମ୍ମିଳନୀ ଗୃହରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ରଞ୍ଜନ କୁମାର ଦାସ ଏକ ସରକାରୀ କାର୍ଯ୍ୟରେ ଭୁବନେଶ୍ୱରର ଇଡକୋ ବୈଠକରେ ଯୋଗଦେବାକୁ ଯାଇଥିବାରୁ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ଶିବିର ପରିଚାଳନା କରିଥିଲେ। ଏଥିରେ ଏସ୍‌ପି ଚରଣ ସିଂ ମୀନା, ଏଡଏମ୍ ମିହିର ରଞ୍ଜନ ଦାସ, ଅତିରିକ୍ତ ଜିଲାପାଳ ପ୍ରଜ୍ଞାହୋତା, ବିଡିଓ ଦେବରାଜ ସେଠୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ଡିପିସି ବିଷ୍ଣୁଚରଣ ସୂତାର, ଜିଲା ପଞ୍ଚାୟତ ଅଧିକାରୀ, ଅଶୋକ କୁମାର ସେଠୀ, ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକ, ବିଇଓ ଗୟାଧର ନନ୍ଦ, ସିଡିପିଓ ମଞ୍ଜୁଳା ରଥ, ଜିଲା କୃଷି ଅଧିକାରୀ ବିମଳକାନ୍ତି ରଥ୍ୱାନ, ବ୍ଲକ୍ ସହକାରୀ କୃଷି ଅଧିକାରୀ ସମରେଶ ଚନ୍ଦ୍ର ବେହେରା, ବ୍ଲକ ଯୋଗାଣ ଅଧିକାରୀ ଉପେନ୍ଦ୍ର କୁମାର ଭୋଇ, ସହକାରୀ ଯନ୍ତ୍ରୀ ସୁଧାକର ନାୟକ, ଦଶରଥପୁର ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀ ବିରଞ୍ଚି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ଜିଲା ଚିକିତ୍ସା ଅଧିକାରୀ, ଜଳ ସମ୍ପଦର ଅଧିକାରୀ ଓ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଅନୁପସ୍ଥିତ ଥିଲେ। ଶିବିରରେ ୧୯୫ ଅଭିଯୋଗ ହୋଇଥିବାବେଳେ ୮୯ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଅଭିଯୋଗ ମଧ୍ୟରେ ସାମୂହିକ ୮, ବ୍ୟକ୍ତିଗତ ୮୦, ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିର ୬ ଜଣ ଓ ଜିଲା ରେଡ଼କ୍ରସ୍ ପାଣ୍ଠିର ଜଣେ ଅଭିଯୋଗକାରୀ ଥିଲେ। ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୬ ଜଣଙ୍କୁ ୩୭ ହଜାର ଟଙ୍କା ଓ ଜିଲା ରେଡ଼କ୍ରସ୍ ପାଣ୍ଠିରୁ ଜଣଙ୍କୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ, ଦଶରଥପୁର ବ୍ଲକ କୟାଁ ପଞ୍ଚାୟତ ଅଧୀନ ଗରବନ୍ଧ ଗ୍ରାମସ୍ଥିତ ବରବନ୍ଧ ପ୍ରାଥମିକ ବିଦ୍ୟାଳୟ ବନ୍ଦ ଥିବା ନେଇ ଏସ୍‌ପି ଏବଂ ଜିଲା ଶିକ୍ଷାଧିକାରୀ ଓ ଡିପିସିଙ୍କୁ ଗରବନ୍ଧ ଗ୍ରାମର ଶତାଧିକ ମହିଳା ଅଭିଭାବକ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ମଙ୍ଗଳବାର ସମସ୍ତ ଶିକ୍ଷକ ବିଦ୍ୟାଳୟକୁ ଯାଇ ଶିକ୍ଷାଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ପାଲଟପୁର ପଞ୍ଚାୟତ କରିବାଙ୍କ ଗ୍ରାମରେ ପରନୀୟ ଜଳ ପ୍ରକଳ୍ପ କାମରେ ଲାଗୁ ନ ଥିବାରୁ ପୂର୍ବତନ ସମିତି ସଭ୍ୟ ବିମଳ ମଲ୍ଲିକ, ପୂର୍ବତନ ଜିଲା ପରିଷଦ ସଭ୍ୟ ଭରତ ଚନ୍ଦ୍ର ପରିଡ଼ା, ଚନ୍ଦ୍ରଶେଖର ସାହୁଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ଅଭିଯୋଗ କରିଥିଲେ। ତେବେ ଉପଜିଲାପାଳ ଅଭିଯୋଗ ଗ୍ରହଣ କରି ଆରଡବ୍ଲ୍ୟୁଏସ୍‌ଏସ୍ ଓ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ତଦନ୍ତ କରି ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ମଦ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ଜେନାପୁର,୧୫।୭(ଡି.ଏନ୍.ଏ.)**

ଜେନାପୁର ଥାନା ଅନ୍ତର୍ଗତ ସାହାଣୀଡିହ ପଞ୍ଚାୟତ ଚାରଗୋଠ ଗ୍ରାମରେ ବେଆଇନ ମଦ ବ୍ୟବସାୟୀଙ୍କ ପ୍ରାଦୁର୍ଭାବ ବଢିବାରେ ଲାଗିଛି। ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ଜଣେ ବ୍ୟବସାୟୀଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। କିନ୍ତୁ ତାର ୨ ଜଣ ସମ୍ପର୍କୀୟ ଅଭିଯୋଗକାରୀଙ୍କୁ ବିଭିନ୍ନ ସମୟରେ ହତ୍ୟା ଧମକ ଦେଉଛନ୍ତି। ଏ ନେଇ ରବିବାର ଗ୍ରାମର ମହିଳାମାନେ ଥାନାରେ ଅଭିଯୋଗ କରିଥିବା ଜଣାପଡିଛି। ଅଭିଯୋଗ ଆଧାରରେ ତଦନ୍ତ କରାଯାଇ ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ କହିଛନ୍ତି। ଗ୍ରାମରେ ଜଟାଧାରୀ ମଲିକ ବେଆଇନ ମଦ କାରବାର କରୁଥିବା ନେଇ ମହିଳାମାନେ କିଛିଦିନ ତଳେ ଥାନାରେ ଅଭିଯୋଗ କରିଥିଲେ। ଏହି ଆଧାରରେ ପୋଲିସ ଜଟାଧାରୀଙ୍କ ଘରେ ଚଢାଉ କରି ତାଙ୍କୁ ଗିରଫ କରି ଗତ ୧୩ ତାରିଖରେ କୋର୍ଟ ଚାଲାଣ କରିଛି। କିନ୍ତୁ ଜଟାଧାରୀଙ୍କ ପରେ ଭାଇ ପୁରସ୍ତମ ଓ ପୁତୁରା ପ୍ରଶାନ୍ତ ଗ୍ରାମରେ ମହିଳାଙ୍କୁ ବିଭିନ୍ନ ସମୟରେ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଉଛନ୍ତି। ଏହିପରି ଅନ୍ୟବ୍ୟବସାୟୀ ମଧ ଧମକ ଦେଉଥିବା ଗ୍ରାମର ପ୍ରମିଳା ମଲିକ, ବିଲେଇ ମଲିକ, କବିତା ମଲିକ, ପନି ମଲିକ, କବିତା ମଲିକ, ତାରା ମଲିକ, ବେଙ୍ଗ ମଲିକ, ସପନି ମଲିକ ଓ ସଞ୍ଜୁକ୍ତା ମଲିକ ପ୍ରମୁଖ ଅଭିଯୋଗ କରିଛନ୍ତି।

## ବିଞ୍ଝାରପୁର ଅଞ୍ଚଳ ଡକାୟତି ଘଟଣାରେ ଆଉ ଜଣେ ଗିରଫ

**ବିଞ୍ଝାରପୁର,୧୫।୭ (ଡି.ଏନ.ଏ.)**

ବିଞ୍ଝାରପୁର ଥାନା ଅଞ୍ଚଳରେ ଡକାୟତି ଘଟଣାରେ ସମ୍ପୃକ୍ତି ଥିବା ଜଣେ ଆନ୍ତଃରାଜ୍ୟ ଡକାୟତଙ୍କୁ ଜିଲା ସ୍ୱତନ୍ତ୍ର ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ଜଗତ୍‌ସିଂହପୁର ଅଞ୍ଚଳର ମଧୁଆ ଓରଫ ମଧୁସୂଦନ ମହାନ୍ତି (୪୦)। ରବିବାର ବିଳମ୍ବିତ ରାତିରେ ଜଗତସିଂହପୁର ଅଞ୍ଚଳରୁ ପୋଲିସ ତାଙ୍କୁ ଗିରଫ କରିଥିଲା। ବିଞ୍ଝାରପୁର ଡକାୟତି ଘଟଣାରେ ମଧୁଆର ସମ୍ପୃକ୍ତିକୁ ନେଇ ପୋଲିସ ଅଧିକ ପଚରାଉଚରା ଜାରି ରଖିଛି। ଏହି ଘଟଣାରେ ଆଉ ୨ ଜଣ ଫେରାର ଥିବା ଜଣାପଡିଛି। ତେବେ ଏହି ଘଟଣାରେ ପୂର୍ବରୁ ପୋଲିସ ୪ ଜଣଙ୍କ ସହ ଜଣେ ସୁନା ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ଜୁଲାଇ ୨ ତାରିଖରେ ବିଞ୍ଝାରପୁର ଥାନା ଅନ୍ତର୍ଗତ ମଧୁସୂଦନପୁର ପଞ୍ଚାୟତ ସୁନ୍ଦରପୁର ଗ୍ରାମର ସୁରେନ୍ଦ୍ର ସ୍ୱାଇଁଙ୍କ ଘରେ ୫ ଜଣ ଲୁଟେରା ବନ୍ଧୁକ ଦେଖାଇ ଲୁଟ୍ କରିଥିଲେ। ସେହିପରି ଫେବୃୟାରୀରେ ଅବସରର ପ୍ରାପ୍ତ ଅଧ୍ୟାପକ ଅଜୟ କୁମାର ଓଝାଙ୍କ ଘରେ ମଧ ଲୁଟ୍ ହୋଇଥିଲା। ଏହି ଡକାୟତି ଘଟଣାରେ ଯାଜପୁର ଜିଲା ଆରକ୍ଷୀ ଅଧିକ୍ଷକ ଚରଣ ସିଂ ମୀନା ଡକାୟତମାନଙ୍କୁ ଧରିବାଲାଗି ଏକ ସ୍ୱତନ୍ତ୍ର ପୋଲିସ ଦଳ ଗଠନ କରିଛନ୍ତି। ଗତ ଶୁକ୍ରବାର ସିଂହପୁର ନିକଟବର୍ତ୍ତି ଗୋବିନ୍ଦପୁର ପୋଲ ନିକଟରେ ଡକାୟତି ଉଦ୍ୟମ ପାଇଁ ଏକତ୍ରିତ ହୋଇଥିବା ଖବର ପାଇ ଆରକ୍ଷୀ ଅଧୀକ୍ଷକ ଯାଜପୁର ଏସ୍‌ଡିପିଓ, ବିଞ୍ଝାରପୁର ଥାନା ଆଇଅଇସିଙ୍କୁ ଚଢାଉ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ଘଟଣାସ୍ଥଳରେ ଚଢାଉ କରି ୪ ଜଣଙ୍କୁ ଗିରଫ କରିଥିଲା। ସେମାନେ ହେଲେ ମଙ୍ଗଳପୁର ଥାନା ଅନ୍ତର୍ଗତ ଇଛାପୁର ଗ୍ରାମର ବିଶ୍ୱଜିତ୍ ଦାସ, ଦୁଦୁରାଅଣ୍ଟା ଅଞ୍ଚଳର ଭୀମସେନ ଦାସ, ଜଗତସିଂହପୁର ଜିଲା ପାରାଦୀପ ଅଞ୍ଚଳର ଶୁଭକାନ୍ତ ବେହେରା ଓ ବିଞ୍ଝାରପୁର ଥାନା ଅନ୍ତର୍ଗତ ଫତେପୁର ପଞ୍ଚାୟତ ବଂଶୀପୁର ଗ୍ରାମର ସମୀର କୁମାର ନାୟକ। ଗିରଫ ବେଳେ ପୋଲିସ ମାରଣାସ୍ତ୍ର ଜବତ କରିଥିଲା। ତଦନ୍ତବେଳେ ସେମାନେ ବିଭିନ୍ନ ଚୋରି ଡକାୟତିରେ ସମ୍ପୃକ୍ତି ଥିବା ସ୍ୱୀକାର କରିବା ସହ ଚୋରି କରିଥିବା ସୁନା ଅଳଙ୍କାରକୁ ଭୂବନେଶ୍ୱର ରସୁଲଗଡ ଅଞ୍ଚଳର ବିପିନ ପୃଷ୍ଟିଙ୍କ ଗହଣା ଦୋକାନରେ ବିକ୍ରି କରିଥିବା ସ୍ୱୀକାର କରିଥିଲେ। ଏହାପରେ ସ୍ୱତନ୍ତ୍ର ପୋଲିସ ଟିମ ଲୁଟ୍ ସାମଗ୍ରୀ ଜବତ କରିବାକୁ ବିଭିନ୍ନ ସ୍ଥାନରେ ଚଢାଉ କରିବା ସହିତ ଭୁବନେଶ୍ୱରରୁ ବିପିନଙ୍କ ଘରୁ ଲୁଟ ସୁନା ଅଳଙ୍କାର ଜବତ କରିଥିଲା। ଏ ନେଇ ଏକ ମାମଲା (ନଂ ୧୫୪/୧୯) ରୁଜୁ କରି ସମସ୍ତଙ୍କୁ କୋର୍ଟ ଚାଲାଣ କରିବା ସହ ଘଟଣାରେ ଫେରାର ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଗରିଫ କରିବା ପାଇଁ ଜାଲ ବିଛାଇଥିଲା।

## ଅର୍ଥ ଲଗାଣକାରୀ ସଂସ୍ଥାର ବେଆଇନ କାର୍ଯ୍ୟ

# ଗାଡ଼ି ଛଡ଼ାଇ ନେବାବେଳେ ମହିଳା ଗୁରୁତର

**ରସୁଲପୁର,୧୫।୭(ଡିଏନଏ)**

ଅର୍ଥ ଲଗାଣକାରୀ ସଂସ୍ଥା କିସ୍ତି ବାବଦ ଅର୍ଥ ଆଦାୟ କରିବାକୁ ଯାଇ ଋଣ ଗ୍ରହିତାଙ୍କ ଜୀବନ ବିପଦକୁ ଠେଲି ଦେବାକୁ ମଧ୍ୟ ପଛାଉ ନାହାନ୍ତି। ଏଭଳି ଘଟଣା ରବିବାର ରାତିରେ ଯାଜପୁର ଜିଲା ରସୁଲପୁର ବ୍ଲକ ଅଧୀନ ବାରବାଟୀ ଗଣେଶ ବଜାର ନିକଟରେ ଘଟିଛି। ଏଠାରେ ଏକ ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କ ବେପରୁଆ କାର୍ଯ୍ୟକଳାପ ଯୋଗୁ ଜଣେ ମହିଳା ଗୁରୁତର ହୋଇଛନ୍ତି। ଗୁରୁତର ମହିଳା ହେଲେ କଲଣ ପଞ୍ଚାୟତର ମିଲି ସାହୁ(୫୦)। ମିଲି ତାଙ୍କ ପୁଅ ସହ ଏକ ବାଇକ୍‌ରେ ଜାରକାରୁ ଫେରୁଥିଲେ। ସେମାନେ ଉକ୍ତ ବାଇକ୍‌କୁ ଫାଇନାନ୍ସରେ କିଣିଥିବାବେଳେ କିସ୍ତି ଖିଲାପ କରିଥିବାରୁ ଫାଇନାନ୍ସ ସଂସ୍ଥାର କର୍ମଚାରୀ ସେମାନଙ୍କୁ ପିଛା କରି ବାରବାଟୀ ନିକଟରେ ଅଟକାଇ ଥିଲେ। ଅର୍ଥ ଲଗାଣକାରୀ ସଂସ୍ଥାର ଯାଜପୁର ଜିଲା କିସ୍ତି ଆଦାୟ ଦାୟିତ୍ୱରେ ଥିବା କର୍ମଚାରୀ ବାବାଜୀ ଚରଣ ଗିରି ବାଇକ୍‌ଟିକୁ ନିଜ ଅକ୍ତିଆରକୁ ନେବାକୁ ଚେଷ୍ଟା କରିଥିଲେ। ବକେୟା କିସ୍ତି ସୁଝିଦେବେ ବୋଲି ମିଳି କହିବା ସହ ଗାଡ଼ି ଛାଡିଦେବାକୁ ଅନୁରୋଧ କରିଥିଲେ। କିନ୍ତୁ କର୍ମଚାରୀ ଜଣଙ୍କ ଜବରଦସ୍ତ ବାଇକ୍‌ଟିକୁ ନେଇ ପଳାଇବା ସମୟରେ ମହିଳା ଜଣକ ଗାଡିର ପଛପଟୁ ଟାଣି ଧରିଥିଲେ। ମାତ୍ର କର୍ମଚାରୀ ଜଣକ ଦାୟିତ୍ୱହୀନ ଭାବେ ବାଇକ୍‌ଟିକୁ ଆଗକୁ ଚଳାଇ ନେବାରୁ ମିଲି ରାସ୍ତା ଉପରେ ଘୋଷାଡ଼ି ହୋଇ ଗୁରୁତର ହୋଇଥିଲେ । ଏହା ଦେଖି ସ୍ଥାନୀୟ ଲୋକେ ଉକ୍ତ କର୍ମଚାରୀଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ମହିଳାଙ୍କ କହିବା ଅନୁଯାୟୀ, ସେ ୬ଟି କିସ୍ତି କମ୍ପାନୀକୁ ଦେଇଛନ୍ତି। ହେଲେ ଗତ ୩ରୁ ୪ମାସ ହେବ ସେ କିସ୍ତି ଦେବାରେ ଖିଲାପ କରିଛନ୍ତି। ଏ ନେଇ ସଂସ୍ଥା ପକ୍ଷରୁ ସେ କୌଣସି ନୋଟିସ ପାଇନାହାନ୍ତି । କେବଳ କର୍ମଚାରୀ ତାଙ୍କୁ କିସ୍ତି ବାବଦକୁ ୨/୩ଥର ତାଗିଦ କରିଛନ୍ତି। ମହିଳାଙ୍କ କହିବା ମୁତାବକ ସଂସ୍ଥା ପକ୍ଷରୁ ବାଇକ୍‌ଟିକୁ ଅକ୍ତିଆରକୁ ନେବା ପାଇଁ ସେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯାଇ ନଥିବା ଜଣାପଡିଛି। ଅପରପକ୍ଷରେ କର୍ମଚାରୀ ଗିରି ସଂସ୍ଥା ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶକୁ ପାଳନ କରିଥିବା ପ୍ରକାଶ କରିଛନ୍ତି। ପୋଲିସ ଘଟଣାସ୍ଥଳରୁ ବାଇକ୍‌ଟିକୁ ଜବତ କରି ଜାରକା ବିଟ୍ ହାଉସରେ ରଖିଛି । କମ୍ପାନୀ କର୍ମଚାରୀଙ୍କୁ ସେମାନଙ୍କ କାଗଜପତ୍ର ଆଣିବା ପାଇଁ କୁହାଯାଇଛି । ରେକର୍ଡପତ୍ର ଯାଞ୍ଚ କରିବା ପରେ ନିଷ୍ପତି ନିଆଯିବ ବୋଲି ଥାନାଧିକାରୀ ସରୋଜ ସାହୁ ପ୍ରକାଶ କରିଛନ୍ତି।

## ■ସରକାରୀ ଜମିରେ ବେଆଇନ କାରବାର

# ୨ ବର୍ଷ ହେଲା ସିଲ୍ ଭାଙ୍ଗି ଚାଲିଛି କ୍ରଶର

**ଯାଜପୁର ଅଫିସ,୧୫।୭**

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନରେ ବେଆଇନ କ୍ରଶର ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏପରିକି ଜଙ୍ଗଲ ଜମି, ପାହାଡ କିସମ ଓ ଅନାବାଦୀ ଜମି କବଜା କରିବାକୁ କ୍ରଶର ବ୍ୟବସାୟୀମାନେ ପଛାଉ ନାହାନ୍ତି। ଖୋଦ ଧର୍ମଶାଳା ତହସିଲଦାରଙ୍କ ନିର୍ଦ୍ଦେଶ ମୁତାବକ ତଦନ୍ତ ଏବଂ ତଦନ୍ତ ରିପୋର୍ଟ ଆଧାରରେ ଥାନାରେ ମାମଲା ରୁଜୁ କରିବାକୁ ଅନୁରୋଧ ହୋଇଥିଲେ ହେଁ କିଛି କାର୍ଯ୍ୟକାରୀ ହେଉନାହିଁ। ଏଭଳି ଏକ ଉଦାହରଣ ଆରୁହା କଳାପଥର ପାହାଡ଼ର ପାଦଦେଶ ତଥା ରେଳୱେ ଲାଇନ କଡ଼ରେ ଥିବା ଖାତା ନମ୍ବର ୭୭୯, ପ୍ଲଟ ନମ୍ବର ୨୮୧୦ରେ ଗଢି ଉଠିଥିବା ଏକ ଷ୍ଟୋନ କ୍ରଶରରେ ଦେଖିବାକୁ ମିଳିଛି। ୨୭।୪।୨୦୧୭ରେ ଯାଜପୁର ଜିଲାପାଳ ଯୌମୁଦ ଦେଇ କ୍ରଶରକୁ ସିଲ କରିଥିଲେ ହେଁ ମାସେ ପରେ ସିଲକୁ ଭାଙ୍ଗି ପୁଣି କ୍ରଶର ଆଜି ପର୍ଯ୍ୟନ୍ତ ଚାଲୁଛି। ଏହି ଆରୁହା କଳାପଥର ଖାଦାନ ଓ କ୍ରଶରରୁ ପ୍ରତ୍ୟେହ ରାତି ଅଧିଆ ଶହଶହ ଗାଡିରେ ମାଲ ଚୋରାଚାଲାଣ ହେଉଛି । ଜିଲାରେ କ୍ଲଷ୍ଟର ୟୁନିଟ ସ୍ଥାପନ ପ୍ରକ୍ରିୟା ମନ୍ଥର ଗତିରେ ଚାଲିଥିବାରୁ ଏଭଳି ବେଆଇନ ଶତାଧିକ କ୍ରଶର ଚାଲିଥିବା ଅଭିଯୋଗ ହୋଇଛି। ତେବେ ଇତିମଧ୍ୟରେ କ୍ଲଷ୍ଟର ୟୁନିଟ ପାଇଁ ଇଡ୍‌କୋ ପକ୍ଷରୁ ୪ଟି ସ୍ଥାନରେ ଜମି ଚିହ୍ନଟ କରାଯାଇଥିବା ସୂଚନା ମିଳିଛି।

ଜିଲାର ଦର୍ପଣ, ଧର୍ମଶାଳା ଓ ଦାନଗଦୀ ତହସିଲ ଇଲାକାରେ ବେଆଇନ କ୍ରଶରଗୁଡିକ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ୨୦୧୫ ଜୁନ ୨୨ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ନିର୍ଦ୍ଦେଶ ବଳରେ ଛୋଟଛୋଟ କ୍ରଶରଗୁଡିକ ଉପରେ ୨୦୧୫ ଜୁଲାଇ ୨ରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପ୍ରାୟ ୧୪୭ଟି କ୍ରଶର ସିଲ କରାଯାଇଥିଲା। ବ୍ୟାପକ ପୋଲିସ ମୁତୟନ କରି ୧୪୭ କ୍ରଶର ଉପରେ ସିଲ କାର୍ଯ୍ୟ ହୋଇଥିଲା। ପରବର୍ତ୍ତୀ ସମୟରେ ଶ୍ରମିକଙ୍କ ଜୀବନଜୀବିକାକୁ ଦୃଷ୍ଟିରେ ରଖି କ୍ଲଷ୍ଟର ଆକାରରେ ଜିଲାର ୪ଟି ସ୍ଥାନରେ ସିଲ କରାଯାଇଥିବା କ୍ରଶର ୟୁନିଟଗୁଡିକୁ ପୁନଃ ସ୍ଥାପନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା । ଏଥିସକାଶେ ଜମି ଯୋଗାଇ ଦେବାକୁ ଇଡ୍‌କୋକୁ ଅନୁରୋଧ କରାଯିବ ବୋଲି ତତ୍କାଳୀନ ଜିଲାପାଳ ସତ୍ୟକୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଥିଲା । ହେଲେ ଏହାର ୪ ବର୍ଷ ବିତିଯାଇଥିଲେ ସୁଦ୍ଧା କ୍ଲଷ୍ଟର ୟୁନିଟ ହୋଇପାରି ନାହିଁ। ଫଳରେ ଜାତୀୟ ରାଜପଥ ଓ ଜନବସତି ରାସ୍ତାଗଡରେ କ୍ରଶରଗୁଡିକ ଅହରହ ଚାଲିଥିବାରୁ ପ୍ରଦୂଷଣ ସମସ୍ୟା ଉତ୍କଟ ହେଉଛି। ଏହିକ୍ରମରେ ନାନପୁର ଗ୍ରାମ ଜନବସତି ଓ ରେଳୱେ ଲାଇନ ନିକଟରେ ଥିବା କ୍ରଶର ବନ୍ଦ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ପୂର୍ବରୁ ଜନବସତି ଓ ରେଳୱେ ଲାଇନ କଡରେ ଥିବାରୁ ଆରୁହା ପଥର ଖାଦାନ ଓ ପାଦଦେଶରେ ଥିବା ଜମିକୁ ସଂରକ୍ଷଣ ରଖାଯାଇଥିଲା। କିନ୍ତୁ ୨୮୧୦ ସରକାରୀ ପ୍ଲଟରେ ୧୯୯୦ ମସିହାରୁ କ୍ରଶର ସ୍ଥାପନ କରି କୋଟିକୋଟି ଟଙ୍କାର କଳାପଥର ଉତ୍ତୋଳନ ହେଉଛି। ସେହି ସ୍ଥାନରୁ ନାନପୁର ଗ୍ରାମ ବସତି ମାତ୍ର ୫୦ ମିଟର ହେବ। ଯାଜପୁରରୋଡ-କଟକ ରେଲୱେ ଲାଇନଠାରୁ ୩୦ ମିଟର ଦୂରରେ କ୍ରଶର ଚାଲିଛି। ବ୍ଲାଷ୍ଟିଂ ସମୟରେ ରେଲୱେ ଲାଇନରେ ବଡ ବଡ ପଥର ପଡୁଥିବା ଦେଖିବାକୁ ମିଳିଛି। ତେବେ ଏହି କ୍ରଶର ବିରୋଧରେ ଜନସାଧାରଣଙ୍କ ଅଭିଯୋଗ ପରେ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା । କିନ୍ତୁ ପରବର୍ତ୍ତୀ ସମୟରେ କେତେଜଣ ପ୍ରଭାବଶାଳୀ ନେତାଙ୍କୁ ହାତ କରି ପୁଣି କ୍ରଶର ଚାଲିଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି। ଏ ସଂକ୍ରାନ୍ତରେ ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡାଙ୍କୁ ପଚାରିବାରେ, କ୍ଲଷ୍ଟର ୟୁନିଟ ପାଇଁ ଇଡ୍‌କୋ ପକ୍ଷରୁ ଜମି ହସ୍ତାନ୍ତର ହୋଇସାରିଛି । ଅଞ୍ଜିରା, ଅଥଁଳ ଝାଟିଆ, ବରଡା ଓ ଆରୁହା ଅଞ୍ଚଳରେ ୪ଟି ସ୍ଥାନରେ କ୍ଲଷ୍ଟର ୟୁନିଟ ସ୍ଥାପନ ହେବ। ଏଥିପାଇଁ ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଜୋରସୋର ଚାଲିଛି । ପ୍ରଥମ ପର୍ଯ୍ୟାୟରେ ୯୮ଟି କ୍ରଶର କ୍ଲଷ୍ଟର ୟୁନିଟରେ ସ୍ଥାନ ପାଇବେ। ତେବେ ନାନପୁରର ବେଆଇନ କ୍ରଶର ଉପରେ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



■୪ ସ୍ଥାନରେ କ୍ଲଷ୍ଟର ୟୁନିଟ ପାଇଁ ଜମି ଚିହ୍ନଟ

■ରାସ୍ତାକଡ଼ରେ ପ୍ରଦୂଷଣ ସମସ୍ୟା ଉତ୍କଟ



ନିଜ ବିବେକର ନିର୍ଦ୍ଦେଶ ମାନି କାର୍ଯ୍ୟ କଲେ ଯେଉଁ ଆନନ୍ଦ ମିଳେ, ସେ ଆନନ୍ଦ ଅନ୍ୟ କେଉଁଠାରୁ ମିଳେନାହିଁ।
- ସେନେକା



## ସଂକ୍ଷେପରେ

### ବାଇକ୍ ଧକ୍କାରେ ଗାଈ ମୃତ: ଦମ୍ପତି ଗୁରୁତର

ରଣପୁର,୧୫।୭ (ସ୍ୱ.ପ୍ର.): ରଣପୁର ଥାନା ଅନ୍ତର୍ଗତ ୫୭ନଂ. ଜାତୀୟ ରାଜପଥର ସୁନାଖଳା ନିକଟ ବିନୋଦପଡାଠାରେ ସୋମବାର ସନ୍ଧ୍ୟାରେ ଏକ ବାଇକ୍ ଧକ୍କାରେ ଗାଈର ମୃତ୍ୟୁ ଘଟିଛି। ହେଲେ ବାଇକ୍‌ରେ ଥିବା ଦମ୍ପତି ଗୁରୁତର ହୋଇଛନ୍ତି। ଉଭୟ ସୁନାଖଳା ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏମାନଙ୍କ ପରିଚୟ ଜଣାପଡି ନ ଥିବାବେଳେ ପୋଲିସ ବାଇକ୍ ଜବତ କରି ତଦନ୍ତ ଚଳାଇଛି। ଏହି ଦମ୍ପତି ବାଇକ୍ ଯୋଗେ ଭୁବନେଶ୍ୱରରୁ ନୟାଗଡ଼ ଆସୁଥିବାବେଳେ ବିନୋଦପଡାଠାରେ ହଠାତ୍ ଏକ ଗାଈ ଆଗକୁ ଚାଲିଆସିଥିଲା। ବାଇକ୍ ଚାଳକ ନିୟନ୍ତ୍ରଣ ହରାଇ ଧକ୍କା ଦେବାରୁ ଗାଈଟିର ମୃତ୍ୟୁ ହୋଇଥିଲା। ଦମ୍ପତି ଛିଟିକିପଡି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ସୁନାଖଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ ଉଭୟ ଅଚେତ ଅବସ୍ଥାରେ ଥିଲେ।

### ମାଙ୍କଡ଼ ଆକ୍ରମଣରେ ବୃଦ୍ଧା ଆହତ



ଗଣିଆ,୧୫।୭(ଡି.ଏନ.ଏ.): ସୋମବାର ଅପରାହ୍ଣରେ ମାଙ୍କଡ ଆକ୍ରମଣରେ ଜଣେ ବୃଦ୍ଧା ଆହତ ହୋଇଛନ୍ତି। ସେ ହେଲେ ଗଣିଆ ବ୍ଲକ ବେଲପଡା ପଞ୍ଚାୟତ ୱାଲିପୁର ଗ୍ରାମର ଶଶୀ ସ୍ୱାଇଁ (୬୫)। ପରିବାର ଲୋକଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଅପରାହ୍ଣରେ ଶଶୀ ଘର ଅଗଣାରେ ବସିଥିବା ବେଳେ ହଠାତ୍ ଏକ ମାଙ୍କଡ ଆସି ତାଙ୍କ ଡାହାଣ ହାତକୁ କାମୁଡି କ୍ଷତାକ୍ତ କରିଦେଇଥିଲା। ଘଟଣାସ୍ଥଳରେ ସେ ଚେତାଶୂନ୍ୟ ହୋଇ ପଡିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେ ସୁସ୍ଥ ଥିବା ଜଣାପଡିଛି।

### ଆଶ୍ରମ ସ୍କୁଲରୁ ଛାତ୍ର ପଳାଇଥିବା ନେଇ ଥାନାରେ ଅଭିଯୋଗ

ଖଣ୍ଡପଡା/ଭାପୁର,୧୫।୭(ସ୍ୱ.ପ୍ର./ଡି.ଏନ.ଏ.): ଭାପୁର ବ୍ଲକ ବିଜିପୁର ପଞ୍ଚାୟତ ମାଳିବେରେଣୀ ଗ୍ରାମସ୍ଥିତ ଆଶ୍ରମ ସ୍କୁଲରୁ ଜଣେ ଛାତ୍ର ସୋମବାର ସକାଳେ କୁଆଡେ ପଳାଇଥିବା ନେଇ ପ୍ରଧାନଶିକ୍ଷକ ଫତେଗଡ ଥାନାରେ ଅଭିଯୋଗ କରିଛନ୍ତି। ୬ଷ୍ଠ ଶ୍ରେଣୀରେ ପଢୁଥିବା ଛାତ୍ର ହେଲେ କନ୍ଧମାଳ ଜିଲା ଡାମେରିକିଆ ଗ୍ରାମ, ପୋଷ୍ଟ କେ ନୂଆଗାଁର ପଞ୍ଚାନନ ପ୍ରଧାନଙ୍କ ପୁଅ କିଶୋର ପ୍ରଧାନ(୧୧)। ସ୍କୁଲ ସଫେଇ କାର୍ଯ୍ୟ ଚାଲୁଥିବା ବେଳେ କିଶୋର ବିଦ୍ୟାଳୟ ପରିସରରୁ କାହାକୁ ନ କହି ଚାଲିଯାଇଛନ୍ତି। ଖୋଜାଖୋଜି କରି ନିରାଶ ହେବା ପରେ ପ୍ରଧାନ ଶିକ୍ଷକ ଅକ୍ଷୟ ପ୍ରସାଦ ପଟ୍ଟନାୟକ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ୧୧୯/୧୯ରେ ମାମଲା ରୁଜୁକରି ତଦନ୍ତ ଚଳାଇଛି।

■ ଚିନିକଳ ଖୋଲିବା ଦାବି

# ଆଜି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ନୟାଗଡ଼ ଅଫିସ,୧୫।୭

ଦୀର୍ଘ ୫ ବର୍ଷ ହେଲ ବନ୍ଦହୋଇ ପଡ଼ିଥିବା ଚିନିକଳକୁ ଖୋଲିବା ଦାବିରେ ଚିନିକଳ ସୁରକ୍ଷା କମିଟି ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏହି ବିକ୍ଷୋଭରେ ନେତା, ଚାଷୀ, ଚିନିକଳର କର୍ମଚାରୀ ସମସ୍ତେ ସାମିଲ ହେବେ। ସେହିପରି ନୟାଗଡ଼ ଜିଲା ନବନିର୍ମାଣ କୃଷକ ସଙ୍ଗଠନ ଏହି ବିକ୍ଷୋଭରେ ସାମିଲ ହେବ ବୋଲି ମଧ୍ୟ ସହମତି ଜଣାଇଛି। ନୟାଗଡ଼, ଦଶପଲ୍ଲା, ଗଣିଆଁ, ଖଣ୍ଡପଡ଼ା, ନୂଆଗାଁ ଏବଂ ଓଡ଼ଗାଁ ବ୍ଲକର ୫୦ ଖଣ୍ଡ ଗ୍ରାମର ହଜାର ହଜାର ଚାଷୀ ବିକ୍ଷୋଭରେ ସାମିଲ ହେବେ ବୋଲି ସୂଚନା ମିଳିଛି। ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଖଣ୍ଡପଡ଼ା ରୋଡ଼ଠାରେ ଚାଷୀମାନେ ଏକତ୍ରିତ ହେବେ। ଏହାପରେ ସେଠାରୁ ସେମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବେ। ଆସନ୍ତା ୨୪ରେ କମିଟି ପକ୍ଷରୁ ନୟାଗଡ଼ ବନ୍ଦ ଡାକରା ଦିଆଯାଇଛି, ଯାହା ପ୍ରଶାସନିକସ୍ତରରେ ମୁଣ୍ଡବିନ୍ଧାର କାରଣ ପାଲଟିଛି।ପ୍ରକାଶ ଯେ, ଗତ ୧ମାସ ତଳେ ଚିନିକଳ ବିକ୍ରି ନେଇ ଗୁଜବ ହେବା ପରେ ବନ୍ଦହୋଇ ପଡ଼ିଥିବା ଚିନିକଳକୁ ଖୋଲିବା ଦାବିରେ ନେତା, କୃଷକ, କର୍ମଚାରୀମାନେ ଏକାଠି ହୋଇ ବୈଠକ କରିଥିଲେ। ଏହାପରେ ଗତ ୨୮ ତାରିଖଠାରୁ ଗ୍ରାମ ଗ୍ରାମ ବୁଲି ଚାଷୀମାନଙ୍କୁ ସଚେତନତା କରାଇବା ସହ ବିକ୍ଷୋଭରେ ସାମିଲ ହେବା ପାଇଁ ନିବେଦନ କରିଛନ୍ତି। ଚିନିକଳ ବନ୍ଦ ହେବା ଯୋଗୁ ଚାଷୀମାନେ ଯେପରି ହଇରାଣ ହେଉଛନ୍ତି, ସେନେଇ ମଧ୍ୟ ସେମାନଙ୍କୁ ସୂଚନା ଦିଆଯାଇଛି। ବାଲୁଗାଁ ପଞ୍ଚାୟତର ମାଳତୀପୁର ଗ୍ରାମଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ୫୦ ଖଣ୍ଡ ଗ୍ରାମରେ କରାଗଲାଣି। ଚିନିକଳ ସୁରକ୍ଷା କମିଟିର ଆବାହକ ବିଶ୍ୱନାଥ ମହାପାତ୍ରଙ୍କ ନେତୃତ୍ୱରେ କମିଟି ସଦସ୍ୟ ମନୋଜ କୁମାର ସାହୁ, ସନ୍ତୋଷ ପ୍ରଧାନ, ଗୋଲକ ବିହାରୀ ମୁଦୁଲି, ଚିନିକଳ କର୍ମଚାରୀ ନେତା ଯୋଗେନ୍ଦ୍ର ଖୁଣ୍ଟିଆ, ନବନିର୍ମାଣ କୃଷକ ସଙ୍ଗଠନର ଜିଲା ସଂଯୋଜକ ରଣଜିତ ଦଳବେହେରାଙ୍କ ସମେତ ଏକାଧିକ ନେତା ଗାଁ ଗାଁ ବୁଲି ଲୋକଙ୍କୁ ସଚେତନ କରାଇଛନ୍ତି। ରବିବାର ସନ୍ଧ୍ୟାରେ ସହରଠାରେ ଏକ ପଥପ୍ରାନ୍ତ ସଭା କରାଯାଇଛି। ଏହି ବିକ୍ଷୋଭକୁ ସଫଳ କରିବା ପାଇଁ ସମସ୍ତେ ଏକାଠି ହୋଇଛନ୍ତି। ବିକ୍ଷୋଭକୁ ସଫଳ କରି କିପରି ଚିନିକଳକୁ କାର୍ଯ୍ୟକ୍ଷମ କରାଯିବ, ତାହା ସମସ୍ତଙ୍କର ମୂଳ ଲକ୍ଷ୍ୟ ପାଲଟିଥିବା ଆବାହକ ମହାପାତ୍ର ସୂଚନା ଦେଇଛନ୍ତି।



ଏକ ଗ୍ରାମରେ ଚାଷୀମାନଙ୍କୁ ବିକ୍ଷୋଭରେ ସାମିଲ ହେବା ପାଇଁ କୁହାଯାଉଛି।

■ଏକାଠି ହେବେ ନେତା, ଚାଷୀ, କର୍ମଚାରୀ
■ବିକ୍ଷୋଭରେ ସାମିଲ ହେବେ ହଜାର ହଜାର ଚାଷୀ

■ ଲକ୍ଷ୍ମୀନାରାୟଣ ଭେଟ

# ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚିଲା ନନ୍ଦିଘୋଷ ରଥ

ରଣପୁର,୧୫।୭ (ସ୍ୱ.ପ୍ର.)

ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ରଣପୁର ବାହୁଡା ଯାତ୍ରାର ୩ଦିନ ପରେ ସୋମବାର ଶ୍ରଦ୍ଧାଳୁମାନେ ନନ୍ଦିଘୋଷ ରଥ ଟାଣିଥିଲେ । ବାଟରେ ଲକ୍ଷ୍ମୀ ନାରାୟଣ ଭେଟ ପରେ ନନ୍ଦିଘୋଷ ରଥ ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚାଇ ଦେଇଥିଲେ। ଶନିବାର ତାଳଧ୍ୱଜ ରଥକୁ ଭକ୍ତମାନେ ଟାଣିନେଇ ସିଂହଦ୍ୱାର ନିକଟରେ ପହଞ୍ଚାଇଥିଲେ। ଏହା ପରେ ସୁଭଦ୍ରାଙ୍କ ଦେବଦଳନ ରଥକୁ ମହିଳାମାନେ ଟାଣିଥିଲେ। ରାତ୍ର ହୋଇଯିବାରୁ ନନ୍ଦିଘୋଷ ରଥ ଟଣା ହୋଇପାରି ନ ଥିଲା । ରବିବାର ଅପରାହ୍ନ ୨ଟାରେ ଜଗନ୍ନାଥଙ୍କ ନନ୍ଦିଘୋଷ ରଥକୁ ଭକ୍ତମାନେ ଟାଣିନେଉଥିଲା ବେଳେ ମାଉସୀ ମା' ମନ୍ଦିରଠାରୁ ମାତ୍ର ୩ଶହ ମିଟର ଦୂରରେ ରଥର ଅଖ ଭାଙ୍ଗିଯାଇଥିଲା । ରାତିରେ ମହାରଣାମାନେ ଲାଗିପଡି ଅଖ ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିଲେ। ସୋମବାର ଅପରାହ୍ନ ସାଢେ ତିନିଟାରେ ରଥଟଣା ଆରମ୍ଭ ହୋଇଥିଲା। ଜଗନ୍ନାଥ ମନ୍ଦିର ନିକଟରେ ନନ୍ଦିଘୋଷ ରଥ ପହଞ୍ଚିବା ପରେ ଅଭିମାନିନୀ ମା' ଲକ୍ଷ୍ମୀ ଶ୍ରୀମନ୍ଦିରରୁ ସୁସଜ୍ଜିତ ଦୋଳ ବିମାନରେ ଆସି ରଥ ନିକଟରେ ପହଞ୍ଚିଥିଲେ। ସେଠାରେ ଲକ୍ଷ୍ମୀ ନାରାୟଣ ଭେଟ କରାଯାଇଥିଲା। ରଥରେ ବିରାଜମାନ ମହାପ୍ରଭୁ ଜଗନ୍ନାଥଙ୍କ ସହିତ ମା'ଲକ୍ଷ୍ମୀଙ୍କ ଏହି ଭେଟକୁ ଦେଖି ଉପସ୍ଥିତ ଭକ୍ତମାନେ ବିମୋହିତ ହୋଇପଡିଥିଲେ। ସ୍ଥାନୀୟ ପ୍ରଶାସନ ଓ ପୋଲିସ ସହଯୋଗରେ ଶୃଙ୍ଖଳାର ସହ ସମସ୍ତ କାର୍ଯ୍ୟ ସମାପନ ହୋଇଥିଲା।



ଲକ୍ଷ୍ମୀନାରାୟଣଙ୍କ ଭେଟ କରାଯାଉଛି।

# ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ: ରାସ୍ତାରୋକୋ

ବୋଲଗଡ଼/ବେଗୁନିଆ, ୧୫।୭(ଡି.ଏନ.ଏ.)

ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥର ବେଗୁନିଆ ଥାନା ବୋଲଗଡ ବ୍ଲକ ଟିକାତାଳଠାରେ ସୋମବାର ଅପରାହ୍ଣରେ ଏକ କାର ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ପିଟୁକୁଳି ଗ୍ରାମ ଆଦିବାସୀ ସାହିର ଗଣେଶ ନାୟକ (୨୫)। ଦୁର୍ଘଟଣା ପ୍ରତିବାଦରେ ପିଟୁକୁଳି ଠାରେ ଆଦିବାସୀ ମହିଳାମାନେ ରାଜପଥ ଅବରୋଧ କରିଥିଲେ। ବେଗୁନିଆ ପୋଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା କାରକୁ ଜବତ କରିଛି। ଅନ୍ୟପକ୍ଷେ ରାଜପଥ ଅବରୋଧ ସ୍ଥଳରେ ବୋଲଗଡ ତହସିଲଦାର ମୋନାଲିସା ପଣ୍ଡା ପହଞ୍ଚି ରାଜପଥ ଅବରୋଧକାରୀଙ୍କୁ ବୁଝାଶୁଝା କରିବା ସହିତ ମୃତକଙ୍କ ପରିବାରକୁ ରେଡ୍‌କ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ପ୍ରଦାନ କରିବା ପରେ ସନ୍ଧ୍ୟାରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଛି। ବେଗୁନିଆ ଥାନା ସୂତ୍ରରୁ ପ୍ରକାଶ ଯେ, ଗଣେଶ ଏକ ବାଇକ୍ ଯୋଗେ ୫୭ନଂ. ଜାତୀୟ ରାଜପଥରେ ପିଟୁକୁଳି ଅଭିମୁଖେ ଫେରୁଥିଲା ବେଳେ ଟିକାତାଳଠାରେ ବିପରୀତ ଦିଗରୁ ଯାଉଥିବା ଓଆର ୦୨ ଏକ୍ୟୁ ୯୯୧୭ ନଂ. ବିଶିଷ୍ଟ କାରଟି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଗଣେଶ ଗୁରୁତର ହୋଇଥିଲେ । ତାଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଡାକ୍ତରଖାନାରୁ ଖୋର୍ଦ୍ଧା ସ୍ଥାନାନ୍ତର କରାଯାଇଥିଲା। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ବେଗୁନିଆ ଥାନା ଆଇଆଇସି ରଶ୍ମିରଞ୍ଜନ ସାହୁଙ୍କଠାରୁ ପ୍ରକାଶ ।



ପିଟୁକୁଳିଠାରେ ୫୭ନଂ ଜାତୀୟ ରାଜପଥ ଅବରୋଧ କରାଯାଇଛି।

### ନିରାକାରପୁର ସାଇ ମନ୍ଦିରରେ ଗୁରୁପୂର୍ଣ୍ଣିମା ଉତ୍ସବ

ନିରାକାରପୁର,୧୫।୭(ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତସ୍ଥିତ ଶିରିଡି ସାଇ ମନ୍ଦିର ପରିସରରେ ସୋମବାର ସାଇ ପରିବାର ପକ୍ଷରୁ ଗୁରୁପୂର୍ଣ୍ଣିମା ଉତ୍ସବ ଅନୁଷ୍ଠିତ ହୋଇଛି। ପୂର୍ବାହ୍ନରେ ମାନସିକଧାରୀ ମହିଳାପୁରୁଷ ନିକଟସ୍ଥ ମନ୍ଦାକିନୀ ନଦୀରୁ କଳସରେ ଜଳ ଧରି ବିରାଟ ଶୋଭାଯାତ୍ରାରେ ଯଜ୍ଞ ମଣ୍ଡପ ନିକଟରେ ପହଞ୍ଚି କଳସ ସ୍ଥାପନ କରିଥିଲେ। ସନ୍ଧ୍ୟାରେ ସାଇବାବାଙ୍କୁ ଏକ ବିମାନରେ ନଗର ପରିକ୍ରମା କରାଯାଇଥିଲା । ଏହା ପରେ ଯଜ୍ଞ ଆରମ୍ଭ ହୋଇଛି । ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ ।

### ପୁରୀଠାରେ ରାଜ୍ୟସ୍ତରୀୟ କଂସାରି ସମାଜ ସାଙ୍ଗଠନିକ ବୈଠକ ୨୧ରେ

ଖଣ୍ଡପଡ଼ା,୧୫।୭(ସ୍ୱ.ପ୍ର.)

ରାଜ୍ୟସ୍ତରୀୟ କଂସାରି ସମାଜର ସାଙ୍ଗଠନିକ ବୈଠକ ପୁରୀଠାରେ ଆସନ୍ତା ୨୧ ତାରିଖରେ ଅନୁଷ୍ଠିତ ହେବ ବୋଲି ଆବାହକ ଯାଜପୁର କୁନ୍ଦପାଟଣାର କୈଳାସ ଚନ୍ଦ୍ର ସାହୁ ଜଣାଇଛନ୍ତି । ସୂଚନାଯୋଗ୍ୟ ଯେ, କଂସାରି ପରିବାର ଓ କଂସାରି କାରିଗରମାନଙ୍କ ଉନ୍ନତି ନିମନ୍ତେ ସରକାରଙ୍କ ପାଖରେ ଦାବି ଉପସ୍ଥାପିତ କରିବାକୁ ହେଲେ ସବୁ ଆଞ୍ଚଳିକ ସଂଗଠନକୁ ଏକଜୁଟ କରି ଏକ ରାଜ୍ୟସ୍ତରୀୟ ସଂଗଠନର ଆବଶ୍ୟକତା ରହିଛି। ଏଥିପାଇଁ ରାଜ୍ୟର ପୂର୍ବାଞ୍ଚଳ, ପଶ୍ଚିମାଞ୍ଚଳ, ଦକ୍ଷିଣାଞ୍ଚଳ, କେନ୍ଦ୍ରାଞ୍ଚଳ ଓ ଭୁବନେଶ୍ୱରରେ ଥିବା କଂସାରି ସମାଜ ଉନ୍ନୟନ ପରିଷଦକୁ ଏକାଠି କରି ରାଜ୍ୟସ୍ତରୀୟ ସଂଗଠନ ଗଢାଯିବ। ଏହି ୫ଗୋଟି ଅଞ୍ଚଳରୁ ଅନ୍ୟୂନ ୫ ଜଣ ଲେଖାଏ ସଦସ୍ୟଙ୍କୁ ନେଇ ପୂର୍ବ ନିଷ୍ପତ୍ତିକ୍ରମେ ପୁରୀଠାରେ ବୈଠକ ଅନୁଷ୍ଠିତ ହେବ। ଆସନ୍ତା ୨୧ ତାରିଖ ପୂର୍ବାହ୍ନ ୧୦ଟାରେ ପୁରୀ ବଡଶଙ୍ଖସ୍ଥିତ ଏକ ହୋଟେଲରେ ବୈଠକ ଅନୁଷ୍ଠିତ ହୋଇ ଆଗାମୀ କାର୍ଯ୍ୟପନ୍ଥା ସ୍ଥିର ହେବ। ଏଥିରେ ମୁଖ୍ୟତଃ କଂସାରି ସମାଜର ସମସ୍ୟା ନେଇ ଆଲୋଚନା କରାଯିବ ବୋଲି ଆବାହକ ସାହୁ ସୂଚନା ଦେଇଛନ୍ତି ।

■ଧାନବିଲରେ ଗାଈ ପଶିବାକୁ ନେଇ ଆକ୍ରମଣ, ୩ ଗୁରୁତର

# ଥାନାରେ ମାମଲା, ବାପପୁଅଙ୍କୁ ଜେଲ

ଖଣ୍ଡପଡ଼ା,୧୫।୭(ସ୍ୱ.ପ୍ର.)

ଖଣ୍ଡପଡ଼ା ଥାନା ରାଣୀପଡା ପଞ୍ଚାୟତର ଗୋପପୁର ଗ୍ରାମରେ ଧାନ ବିଲରେ ଗାଈ ପଶିବାକୁ କେନ୍ଦ୍ରକରି ରବିବାର ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ଗୋଟିଏ ଗୋଷ୍ଠୀର ଆକ୍ରମଣରେ ୩ଜଣ ଗୁରୁତର ଆହତ ହୋଇଛନ୍ତି। ଏ ନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁକରି ସୋମବାର ଗୋଟିଏ ଗୋଷ୍ଠୀର ବାପପୁଅଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଖଣ୍ଡପଡା ସବ୍‌ଜେଲକୁ ପଠାଇ ଦିଆଯାଇଛି।

ଥାନାରେ ହୋଇଥିବା ଅଭିଯୋଗ କ୍ରମେ ରାଣୀପଡା ଗ୍ରାମର ଶିବସୁନ୍ଦର ନାୟକଙ୍କ ଗୋପପୁର ଗ୍ରାମ ନିକଟରେ ଧାନ ବିଲ ରହିଛି। ରବିବାର ଗୋପପୁର ଗ୍ରାମର ସର୍ବେଶ୍ୱର ପରିଡା ଗାଈଗୋଠ ନେଉଥିବାବେଳେ କିଛି ଗାଈ ଶିବସୁନ୍ଦରଙ୍କ ଧାନ ବିଲରେ ପଶି ନଷ୍ଟ କରିଥିଲେ। ଏହାକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ ପ୍ରଥମେ ପାଟିତୁଣ୍ଡ ହୋଇଥିଲା । ପରେ ସନ୍ଧ୍ୟାରେ ଶିବସୁନ୍ଦରଙ୍କ ୨ ପୁଅ ଓ ଶଳା ଗୋପପୁର ଗ୍ରାମକୁ ଯାଇ ସର୍ବେଶ୍ୱରଙ୍କୁ ଘଟଣା ସମ୍ପର୍କରେ ପଚାରିଥିଲେ। ମାତ୍ର ସର୍ବେଶ୍ୱର, ତାଙ୍କ ଦାଦା ଭବାନୀ ପରିଡା, ଖୁଡ଼ୀ ଓ ମାଆ ମିଳିତ ଭାବେ ଫାର୍ସା ଓ ଟାଙ୍ଗିଆରେ ସେମାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ଶିବସୁନ୍ଦରଙ୍କ ଦୁଇ ପୁଅ ଗଣେଶ ଓ ପ୍ରଭାତଙ୍କ ସମେତ ଶଳା ଛାଟିଆ ସାହୁ ଗୁରୁତର ଆହତ ହୋଇଥିଲେ। ସେମାନଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା । ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ଥାନୀୟ ବାସିନ୍ଦା ସେମାନଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ପରେ ସେମାନଙ୍କୁ ନୟାଗଡ଼ ସ୍ଥାନାନ୍ତର କରାଯାଇଥିଲା। ଏବେ ସେଠାରେ ସେମାନେ ଚିକିତ୍ସିତ ହେଉଛନ୍ତି। ତେବେ ଶିବସୁନ୍ଦର ଏ ସମ୍ପର୍କରେ ଖଣ୍ଡପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ୧୨୯/୧୯ରେ ଏକ ମାମଲା ରୁଜୁ କରି ସର୍ବେଶ୍ୱର ପରିଡା ଓ ତାଙ୍କ ମାଆ, ଦାଦା ଭବାନୀ ପରିଡା ଓ ଖୁଡିଙ୍କ ନାମରେ ବିଭିନ୍ନ ଦଫାରେ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଛି। ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ପୋଲିସ ସର୍ବେଶ୍ୱର ଓ ତାଙ୍କ ବାପା ଧ୍ରୁବ ପରିଡାଙ୍କୁ ସୋମବାର ଗିରଫ କରିଥିବା ଆଇଆଇସି ବିମଳ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।



ଆହତ ବ୍ୟକ୍ତିମାନେ।

■ ସବ୍‌ଜେଲ ସ୍ଥାନାନ୍ତରଣକୁ ବିରୋଧ

# ୧୨ଘଣ୍ଟିଆ ଦଶପଲ୍ଲା ବନ୍ଦ ପାଳନ

ଦଶପଲ୍ଲା,୧୫।୭(ଡି.ଏନ୍.ଏ.)

ଦଶପଲ୍ଲାର ବହୁ ପୁରାତନ ଉପକାରାଗାର ସ୍ଥାନାନ୍ତର ପ୍ରକ୍ରିୟାକୁ ଦଶପଲ୍ଲାବାସୀ ଘୋର ବିରୋଧ କରିଛନ୍ତି। ଦୀର୍ଘ ୧୧୦ ବର୍ଷର ପୁରୁଣା ଏହି ଉପକାରାଗାରକୁ ସରକାର ନୟାଗଡକୁ ସ୍ଥାନାନ୍ତର କରିବା ପାଇଁ ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହାକୁ ବିରୋଧ କରି ଦଶପଲ୍ଲା ଜେଲ ସୁରକ୍ଷା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସୋମବାର ୧୨ ଘଣ୍ଟିଆ ଦଶପଲ୍ଲା ବନ୍ଦ ପାଳନ କରାଯାଇଛି । ସକାଳ ୬ଟାରୁ କମିଟିର ସଦସ୍ୟମାନେ ଦଶପଲ୍ଲା ସହରର ବିଭିନ୍ନ ସ୍ଥାନରେ ରାସ୍ତା ଅବରୋଧ କରିବା ସହ ଦୋକାନ ବଜାର ବନ୍ଦ କରିଥିଲେ। ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥ, ଗଣିଆଁ, ଭଞ୍ଜନଗର ଆଦିକୁ ସଂଯୋଗ କରିଥିବା ସମସ୍ତ ରାସ୍ତାରେ ଯାନବାହନ ଚଳାଚଳକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡିମୋଟର ଅଟକି ରହିଥିଲା। ଜେଲ ସୁରକ୍ଷା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସବ୍‌ଜେଲ ଫାଟକ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଦଶପଲ୍ଲା ଓକିଲ ସଂଘ ପକ୍ଷରୁ କୋର୍ଟ ସମ୍ମୁଖରେ ସବ୍‌ଜେଲ ସ୍ଥାନାନ୍ତରକୁ ବିରୋଧ କରି ନାରାବାଜି ଦିଆଯାଇଥିଲା। ଦଶପଲ୍ଲା ସହରରେ ଥିବା ବ୍ୟାଙ୍କ, ସ୍କୁଲ, କଲେଜ ସହ ସମସ୍ତ ସରକାରୀ କାର୍ଯ୍ୟାଳୟ ଆଗରେ କମିଟିର ସଦସ୍ୟ ଓ ଆଇନଜୀବୀମାନେ ବିକ୍ଷୋଭ ପ୍ରଦର୍ଶନ କରି ବନ୍ଦ କରାଇଥିଲେ। ଏପରି କି ଦଶପଲ୍ଲା ଅଦାଲତ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ଯୋଗୁ ବିଚାରପତି ମଧ୍ୟ କୋର୍ଟ ପରିସରକୁ ଯାଇ ନ ପାରି ଫାଟକ ଆଗରୁ ଫେରି ଆସିଥିଲେ। ବନ୍ଦ ପ୍ରଭାବରେ ଗାଡି ଚଳାଚଳ ବନ୍ଦ ରହିବା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡଥିଲା। ମଧ୍ୟାହ୍ନ ୧୨ଟା ପରେ ଗାଡି ଚଳାଚଳକୁ ସ୍ୱାଭାବିକ କରାଯାଇଥିଲେ ମଧ୍ୟ ଅପରାହ୍ନ ପ୍ରାୟ ୬ ପର୍ଯ୍ୟନ୍ତ ଦୋକାନ ବଜାର ସବୁ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। ରାଜ୍ୟ ସରକାର ଯେ ପର୍ଯ୍ୟନ୍ତ ଦଶପଲ୍ଲା ସବ୍‌ଜେଲ ସ୍ଥାନାନ୍ତର ନିଷ୍ପତ୍ତିକୁ ପ୍ରତ୍ୟାହାର ନ କରିଛନ୍ତି ସେ ପର୍ଯ୍ୟନ୍ତ ଦଶପଲ୍ଲା ଆଇଜୀବୀମାନେ କୋର୍ଟ କାର୍ଯ୍ୟ ବନ୍ଦ ରଖିବା ପାଇଁ ନିଷ୍ପତ୍ତି ନେଇଥିବା ଜଣାପଡିଛି ।

# ଗଛ ବିନା ଜୀବନ ବଞ୍ଚିବା କଷ୍ଟସାଧ

ଗଣିଆ,୧୫।୭(ଡି.ଏନ.ଏ.)

ନୟାଗଡ଼ ବନଖଣ୍ଡ ତରଫରୁ ଗଣିଆ ବନାଞ୍ଚଳରେ ସୋମବାର ସବୁଜ ମହାନଦୀ ଗଣଦୌଡ ଅନୁଷ୍ଠିତ ହୋଇଯାଇଛି। ଦଶପଲ୍ଲା ବିଧାୟକ ରମେଶଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ଗଣଦୌଡର ଶୁଭାରମ୍ଭ କରିଥିଲେ। ସକାଳୁ ଗଣିଆସ୍ଥିତ ରାମମନ୍ଦିର ସମ୍ମୁଖରୁ ଗଣଦୌଡ ଆରମ୍ଭ ହୋଇ କିଶୋରପ୍ରସାଦ ପଞ୍ଚାୟତସ୍ଥିତ ଡ. ଆର.ସି. ସାମନ୍ତରାୟ ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟ ପରିସରରେ ଉଦ୍‌ଯାପିତ ହୋଇଥିଲା। ଗଣଦୌଡରେ ବିଧାୟକଙ୍କ ସମେତ ଗଣିଆ ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁ, ନୟାଗଡ଼ ବନଖଣ୍ଡ ଡିଏଫଓ ଧନରାଜ.ଏଚ୍.ଡି, ନୟାଗଡ଼ ଏସ୍‌ପି ଶଶିଭୂଷଣ ଶତପଥୀ, ନୟାଗଡ଼ ବନଖଣ୍ଡ ଏସିଏଫ୍ ଅରବିନ୍ଦ ମହାନ୍ତି, ଜିଲା ପରିଷଦ ସଭ୍ୟ ମହେଶ୍ୱର ମହାରଣା, ମହାବିଦ୍ୟାଳୟ ସମ୍ପାଦକ ଏଲଡାଡ କାଇଣ୍ଡ ସେଥି, ଅଧ୍ୟକ୍ଷ ମଳୟ ରଞ୍ଜନ ପଣ୍ଡା, ସମସ୍ତ ପଞ୍ଚାୟତ ପ୍ରତିନିଧି, ବୁଦ୍ଧିଜୀବୀ, ଗଣିଆ ବନାଞ୍ଚଳ ଅଧିକାରୀ ନିଖିଳେଶ ମଲ୍ଲିକ, ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ବେଣୁଧର ବେହେରା, ଗଣିଆ ବନାଞ୍ଚଳର ସମସ୍ତ କର୍ମଚାରୀ, ମହାବିଦ୍ୟାଳୟ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଗଣିଆଠାରୁ ମହାବିଦ୍ୟାଳୟ ପର୍ଯ୍ୟନ୍ତ ବିଭିନ୍ନ ଛକ ସ୍ଥାନରେ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା କରାଯାଇଥିଲା। ଗଣିଆ ପୋଲିସ ସହ ଜରୁରିକାଳୀନ ସେବା ଯୋଗାଇଦେବା ପାଇଁ ଅଗ୍ନିଶମ ବିଭାଗ ଓ ୧୦୮ ଆମ୍ବୁଲାନ୍ସ ଏଥିରେ ଯୋଗଦେଇଥିଲେ। ପରେ ମହାବିଦ୍ୟାଳୟ ପରିସରରେ ଏକ ସଚେତନତା ସଭା କରାଯାଇଥିଲା । ଦିନକୁ ଦିନ ମହାନଦୀ ଅବବାହିକାରେ ଜଙ୍ଗଲ ସମ୍ପଦ ହ୍ରାସ ପାଉଥିବାରୁ ମହାନଦୀର ଜଳସ୍ରୋତ ହ୍ରାସ ପାଇବା ସହ ମୃତ୍ତିକା ଅବକ୍ଷୟ ଘଟି ନଦୀଗର୍ଭ ପୋତି ହେବାରେ ଲାଗିଛି। ତେବେ ଏହାର ଚିରସ୍ରୋତା ଗୁଣକୁ ଅକ୍ଷୁଣ୍ଣ ରଖିବାକୁ ହେଲେ ମହାନଦୀର ଉଭୟ ପାର୍ଶ୍ୱରେ ସବୁଜ ବଳୟ ସୃଷ୍ଟି ହେବା ଦରକାର । ସେହିପରି ଜଙ୍ଗଲ ସମ୍ପଦ ହ୍ରାସ ଯୋଗୁ ପ୍ରାକୃତିକ ପରିବେଶ ଦୂଷିତ ହେବାରେ ଲାଗିଛି । ଗଛ ବିନା ଜୀବନ ବଞ୍ଚିବା କଷ୍ଟସାଧ। ତେଣୁ ସମସ୍ତେ ମିଳିମିଶି ବହୁ ପରିମାଣରେ ଗଛ ଲଗାଇବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଗଣଦୌଡରେ ସାମିଲ ହୋଇ ମନୋନୀତ ୧୮ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨ଜଣଙ୍କୁ ସ୍ୱର୍ଣ୍ଣ, ୨ଜଣଙ୍କୁ ରୌପ୍ୟ ଓ ୧୪ଜଣଙ୍କୁ ବ୍ରୋଞ୍ଜ ପଦକ ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା ।



ଗଣଦୌଡକୁ ବିଧାୟକ ଉଦ୍‌ଘାଟନ କରୁଛନ୍ତି।

ସବୁଜ ମହାନଦୀ ଗଣଦୌଡ଼